# ECHO OF HIS CALL

## ଆହ୍ୱାନର ପ୍ରତିଧ୍ୱନି

ODIA

India's National Spiritual Newspaper

₹ 10/-

ECHO OF HIS CALL 1969–2019 GOLDEN JUBILEE

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

Vol. XXIV YEAR OF OUR LORD JESUS CHRIST, OCTOBER 2022 No.8


### ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ଗୀତସଂହିତା ୭୩ : ୧–୧୦)

୧ ପରମେଶ୍ୱର ଇସ୍ରାଏଲ ପ୍ରତି, ନିର୍ମଳାନ୍ତଃକରଣ ଲୋକଙ୍କ
ପ୍ରତି ନିଶ୍ଚୟ ମଙ୍ଗଳ ସ୍ୱରୂପ ଅଟନ୍ତି ।
୨ ମାତ୍ର ମୋହର ଚରଣ ପ୍ରାୟ ଟଳିଗଲା; ମୋହର
ପାଦବିକ୍ଷେପ ପ୍ରାୟ ଖସିଗଲା ।
୩ କାରଣ ମୁଁ ଦୁଷ୍ଟମାନଙ୍କର ସମୃଦ୍ଧି* ଦେଖି ଦାମ୍ଭିକମାନଙ୍କ
ପ୍ରତି ଈର୍ଷାନ୍ୱିତ ହେଲି ।
୪ ଯେହେତୁ ସେମାନଙ୍କ ମରଣରେ କୌଣସି ବନ୍ଧନ ନାହିଁ;
ମାତ୍ର ସେମାନଙ୍କ ବଳ ଦୃଢ଼ ଥାଏ ।
୫ ସେମାନେ ଅନ୍ୟ ଲୋକଙ୍କ ପରି କଷ୍ଟରେ ପଡ଼ନ୍ତି ନାହିଁ;
କିଅବା ଅନ୍ୟ ମନୁଷ୍ୟମାନଙ୍କ ପରି ସେମାନେ ଆଘାତ
ପ୍ରାପ୍ତ ହୁଅନ୍ତି ନାହିଁ ।
୬ ଏହେତୁ ଅହଙ୍କାର ସେମାନଙ୍କ ଗଳାର ହାର ସ୍ୱରୂପ
ହୁଏ; ଦୌରାତ୍ମ୍ୟ ବସ୍ତ୍ର ପରି ସେମାନଙ୍କୁ ଆଚ୍ଛାଦନ
କରେ ।
୭ ମେଦରେ ସେମାନଙ୍କ ଚକ୍ଷୁ ବାହାରି ଉଠେ; ମନର
ବାଞ୍ଛା ଅପେକ୍ଷା ସେମାନେ ଅଧିକ ପ୍ରାପ୍ତ ହୁଅନ୍ତି ।
୮ ସେମାନେ ଟାହୁଲି କରନ୍ତି ଓ ଦୁଷ୍ଟତାରେ ଦୌରାତ୍ମ୍ୟ
ଉଚ୍ଚାରଣ କରନ୍ତି; ସେମାନେ ଦମ୍ଭ କଥା କହନ୍ତି ।
୯ ସେମାନେ ଆକାଶରେ ଆପଣା ଆପଣା ମୁଖ
ରଖିଅଛନ୍ତି ଓ ସେମାନଙ୍କ ଜିହ୍ୱା ପୃଥିବୀରେ ଭ୍ରମଣ
କରେ ।
୧୦ ଏହେତୁ ତାହାର ଲୋକମାନେ ସେଆଡ଼େ ଫେରନ୍ତି;
ପୁଣି, ପୂର୍ଣ୍ଣ ପାନପାତ୍ରର ଜଳସବୁ ସେମାନଙ୍କ ଦ୍ୱାରା
ନିଗିଡ଼ାଯାଏ ।

# ଏକ ଲକ୍ଷ୍ୟଧାରୀ ବ୍ୟକ୍ତିରେ ନିଜକୁ ପରିବର୍ତ୍ତିତ କରନ୍ତୁ !

## CHANGE AS GOAL ORIENTED PERSON!

### ଏକ ଲକ୍ଷ୍ୟଧାରୀ ବ୍ୟକ୍ତିର ଲକ୍ଷ୍ୟ ତା'ର ଜୀବନଠାରୁ ଶ୍ରେଷ୍ଠତର !

### An ambition of the goal oriented person is greater than his life !

**ମୁଖ୍ୟ ଉପାସନାଳୟଠାରେ ପାଳକ ଏସ୍.ସାମ୍.ସେଲ୍‌ଭାରାଜ୍‌ଙ୍କ ଦ୍ୱାରା ପ୍ରଦତ୍ତ ବାର୍ତ୍ତା**

ଏହି ଜଗତରେ ଏପରି ଅନେକ ଲୋକ ଅଛନ୍ତି ଯେଉଁମାନେ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସହିତ ବଞ୍ଚନ୍ତି । ଆମେ, ଖ୍ରୀଷ୍ଟିଆନମାନେ ମଧ କେବଳ ଆମ ଜାଗତିକ ଜୀବନରେ ନୁହେଁ, ମାତ୍ର ଆମ ଆତ୍ମିକ ଜୀବନରେ ମଧ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖିବା ଆବଶ୍ୟକ । ଜଣେ ବ୍ୟକ୍ତି ନିକଟରେ ଗୋଟିଏ ଅତି ସ୍ୱତନ୍ତ୍ର ଜୀବନ କାଟିବା ପାଇଁ ଦୃଢ଼ ଭିତ୍ତିମୂଳ ରହିବା ଆବଶ୍ୟକ । ଯଦି ଜଣେ ବ୍ୟକ୍ତି ନିକଟରେ କୌଣସି ଆତ୍ମିକ ଲକ୍ଷ୍ୟ ନାହିଁ, ତେବେ ସେ ଏକ ବିଜୟୀ ଜୀବନ କାଟିପାରିବ ନାହିଁ ।

ଯଦି ଜଣେ ବ୍ୟକ୍ତି ନିଜ ଜୀବନରେ କିଛି ବିଶେଷ ବିଷୟ ପାଇବାକୁ ଇଚ୍ଛା କରେ, ତେବେ ତାକୁ ସ୍ୱାଧୀନ ଚିନ୍ତାଧାରା ରଖିବାକୁ ହେବ । ଯେଉଁମାନଙ୍କ ନିକଟରେ ଉତ୍ତମ ଲକ୍ଷ୍ୟ ଥାଏ ଓ ଯେଉଁମାନେ ସେମାନଙ୍କ ଜୀବନରେ ଲକ୍ଷ୍ୟ ଧାର୍ଯ୍ୟ କରନ୍ତି, ସେମାନେ ସମୟ ଅନୁସାରେ ନିଜ ନିଜକୁ ପରିବର୍ତ୍ତନ କରନ୍ତି ନାହିଁ । ଏହି ପ୍ରକାର ଲୋକମାନେ ନିଜ ଜୀବନରେ ପାଇ ସାରିଥିବା ଆତ୍ମିକ ଦର୍ଶନରେ ଦୃଢ଼ ରହନ୍ତି । ଆମେ ଯାହା ବିଶ୍ୱାସ କରୁ, ସେଥିରେ ସ୍ପଷ୍ଟ ନ ହେଲେ, ଆମେ ସଫଳ ଜୀବନ କାଟିପାରିବା ନାହିଁ ।

ଯେଉଁ ଲୋକମାନେ ସେମାନଙ୍କର ବିଶ୍ୱାସକୁ ପରିବର୍ତ୍ତନ କରିବାରେ ଲାଗିଥାନ୍ତି, ସେମାନଙ୍କୁ ଭୂମିରେ ଗୁରୁଣ୍ଡଥିବା ସର୍ପ ସହିତ ତୁଳନା କରାଯାଇପାରେ । ଯେଉଁମାନେ ସେମାନଙ୍କ ବିଶ୍ୱାସରେ ସ୍ଥିର, ସେମାନେ ଏପରି ଶ୍ରେଷ୍ଠ ନେତା ହୋଇପାରନ୍ତି, ଯେଉଁମାନେ ଅନ୍ୟମାନଙ୍କ ପ୍ରତି ଆଶୀର୍ବାଦର ମାଧମ ଭାବରେ ଜୀବନ କାଟନ୍ତି । ''ଦ୍ୱିମନା ଲୋକ ଆପଣାର ସବୁ ଗତିରେ ଅସ୍ଥିର'' (ଯାକୁବ ୧:୮) ।

### ୧. ଯେଉଁ ଲୋକମାନେ ପ୍ରଭୁଙ୍କ ଉପାସନା ଓ ସେବାରେ ଉଚ୍ଚାକାଂକ୍ଷୀ ଅଟନ୍ତି ।

ଆମେ ଯିହୋଶୂୟ ୨୪:୧୫ରେ ପାଠ କରୁ, **''ଯଦିବା ସଦାପ୍ରଭୁଙ୍କୁ ସେବା କରିବା ତୁମ୍ଭମାନଙ୍କ ଦୃଷ୍ଟିରେ ମନ୍ଦ ଦିଶେ, ତେବେ ତୁମ୍ଭେମାନେ କାହାର ସେବା କରିବ, ତାହା ଆଜି ମନୋନୀତ କର, ... ମାତ୍ର ମୁଁ ଓ ମୋହର ପରିଜନ, ଆମ୍ଭେମାନେ**

*(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)*

ECHO OF HIS CALL - (1969-2019 GOLDEN JUBILEE YEAR)

# ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...

(ECHO GROUP)





Pr. Sam Selva Raj with daughter Angeline and son Alex

"... ଆମ୍ଭେ ତୁମ୍ଭ ପ୍ରତି ନିରସ୍ତ ହେବା ନାହିଁ, କି ତୁମ୍ଭକୁ ତ୍ୟାଗ କରିବା ନାହିଁ" (ଯିହୋଶୂୟ ୧:୫) ।

## ଆମର ମିଶନ ପଲିସୀ

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

## ପ୍ରଭୁରେ ପ୍ରିୟ ଭାଇ ଓ ଭଉଣୀମାନେ,

*ଆମର ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କ ମଧୁର ନାମରେ ଅଭିବାଦନ ।*

*ଆମେ ଜଗତରେ ଈଶ୍ୱରଙ୍କ ବାକ୍ୟ ପ୍ରଚାର କରିବା ପାଇଁ ଆମ ଉପରେ ପ୍ରଦତ୍ତ ତାଙ୍କର ସମସ୍ତ ଆଶ୍ଚର୍ଯ୍ୟଜନକ ଆଶୀର୍ବାଦ ପାଇଁ ଆମେ ତାଙ୍କର ପ୍ରଶଂସା କରୁଅଛୁ । ଆମେ ଆମ ପ୍ରତି ଥିବା ଆପଣମାନଙ୍କର ପ୍ରେମ, ଯତ୍ନ ଓ ସହାୟତା ପାଇଁ ଧନ୍ୟବାଦ ଦେଉଅଛୁ ।*



Nehemiah Bible College

*ଆମେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ଅନୁଗ୍ରହରୁ ଆମର ଅଧିକାଂଶ କାର୍ଯ୍ୟକୁ ପୁନର୍ବାର ଆରମ୍ଭ କରିଅଛୁ । ଆମେ ଆମର ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲର ଛୋଟ ଛୋଟ ପିଲାମାନଙ୍କୁ ପ୍ରସ୍ତୁତ କରିବା ପାଇଁ ଆମ ସହିତ କାର୍ଯ୍ୟ କରିବାକୁ କେତେ ଜଣ ଉତ୍ତମ ଶିକ୍ଷାବିତ୍‌ଙ୍କୁ ପାଇଅଛୁ । ସେହିପରି, ଆମର ନିହିମିୟା ବାଇବଲ କଲେଜ ମଧ୍ୟ ୧୫ ଜଣ ଦକ୍ଷ ଧର୍ମତତ୍ତ୍ୱବିତ୍‌ଙ୍କ ସହିତ ଅଗ୍ରସର ହେଉଅଛି ଓ ପରବର୍ତ୍ତୀ ପିଢ଼ୀ ନିକଟକୁ ଗୌରବମୟ ସୁସମାଚାର ନେଇ ଯିବା ପାଇଁ ଆମେ ଯୁବକ ଯୁବତୀମାନଙ୍କୁ ନିୟମିତ, ଆବାସିକ ଓ କରେସ୍‌ପଣ୍ଡେସ୍ ପାଠ୍ୟକ୍ରମ ମାଧମରେ ତାଲିମ ଦେଉଅଛୁ ।*




St. Paul's Matriculation School

*ଆମେ ସେହି ୪୦ ଜଣ ବାଇବଲ ବିଦ୍ୱାନଙ୍କ ନିମନ୍ତେ ଈଶ୍ୱରଙ୍କୁ ଧନ୍ୟବାଦ ଦେଉଅଛୁ ଯେଉଁମାନେ ଆମ ସହିତ ଆମର ୧୬ ଭାଷାରେ ପ୍ରକାଶିତ "ଆହ୍ୱାନର ପ୍ରତିଧ୍ୱନି" ପତ୍ରିକା ପାଇଁ ସହଯୋଗୀ ସଂପାଦକ, ଉପ-ସହଯୋଗୀ ସଂପାଦକ ଓ ସହକର୍ମୀ ଭାବରେ କାର୍ଯ୍ୟ କରୁଛନ୍ତି । ଆମର ପ୍ରଭୁ ଯୀଶୁ ଆମର ପ୍ରଶାସନିକ କାର୍ଯ୍ୟାଳୟ ଓ ସୁସମାଚାର ଛାପାକଳ ପାଇଁ କେତେ ଜଣ କଠିନ ପରିଶ୍ରମୀ ଈଶ୍ୱର-ସେବକମାନଙ୍କୁ ଯୋଗାଇଛନ୍ତି । ଆମେ ପ୍ରଭୁଙ୍କ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଅଧିକରୁ ଅଧିକ ଈଶ୍ୱରଙ୍କ ଦାସମାନଙ୍କୁ ଆବଶ୍ୟକ କରୁଅଛୁ ।*

*ଆମ ମୁଖ୍ୟ ଉପାସନାଳୟରେ ପ୍ରତି ରବିବାର ଚାରୋଟି ଭାଷାରେ, ଯଥା, ତାମିଲ, ଇଂରାଜୀ, ତେଲୁଗୁ ଓ ହିନ୍ଦୀରେ ସକାଳ ୫.୩୦ରୁ ସନ୍ଧ୍ୟା ୮ ପର୍ଯ୍ୟନ୍ତ ୬ଟି ଉପାସନା ଅନୁଷ୍ଠିତ ହେଉଅଛି । ଆମେ ଆମର ମାଲାୟଲାମ ମଣ୍ଡଳୀ କାର୍ଯ୍ୟର ଦାୟିତ୍ୱ ବହନ କରିବା ପାଇଁ ଉତ୍ସର୍ଗୀକୃତ କାର୍ଯ୍ୟକାରୀମାନଙ୍କୁ ଆବଶ୍ୟକ କରୁଛୁ । ଆମର ଶାଖା ମଣ୍ଡଳୀଗୁଡ଼ିକ ମଧ୍ୟ*





Sunday Church Services

**CHIEF EDITOR**
Angeline Selvakumari Henry, M.A., M.Ed.

**MANAGING EDITOR**
Pastor Alex Samson Sam, B.Th., M.Div.

**ADMINISTRATION**
Bro. N. Prakasam, M.A., General Manager

**EDITORIAL BOARD**
Sis. Jesy Veena Sam
Sis. Serena Bevin, M.A., M.Phil., B.Ed.
Rev. Dr. K.R. Rajasekaran
Dr. A. Richard Samuel, M.A., Ph.D.

**EDITOR, PUBLISHER & PRINTER**
Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 95661 31858

**CORE LEADERS**
Bro. K. Puratchivendan
Bro. A. Edward Durai
Bro. A. Alvin
Bro. K. Abraham
Sis. Dhanalakshmi Chinnaiah

**E.mail ID**
sam@echoofhiscall.org
biblecor@yahoo.co.in

**WEBSITES**
www.echoofhiscall.org
www.stpaulsmatriculation.com

**YOUTUBE CHANNEL**
Echo of His Call

*ଆମର ସହାୟକ ପାଳକ ଓ ସେମାନଙ୍କର ସହକର୍ମୀମାନଙ୍କ ମାଧ୍ୟମରେ ବିଭିନ୍ନ ସ୍ଥାନରେ ବିଭିନ୍ନ କାର୍ଯ୍ୟ ସବୁ ଦକ୍ଷତାର ସହିତ ସଂପାଦନ କରୁଛନ୍ତି ।*

*ଆମର ମୁଖ୍ୟ ମଣ୍ଡଳୀର କାର୍ଯ୍ୟକାରୀମାନେ ପ୍ରତି ରବିବାର ଅପରାହ୍ନରେ ଆମର ମିନି ବସ୍ ଯୋଗେ ସ୍ଥାନୀୟ ମଣ୍ଡଳୀଗୁଡ଼ିକୁ ଯାଉଛନ୍ତି, ଶିଶୁ ସେବାକାର୍ଯ୍ୟ ପରିଚାଳନା କରୁଛନ୍ତି ଓ ଉତ୍ତମ ନାଗରିକ ହେବା ପାଇଁ ସେମାନଙ୍କୁ ପ୍ରସ୍ତୁତ କରୁଛନ୍ତି । ୨୦୨୨ ଅଗଷ୍ଟ ୩୧ରେ, ସକାଳୁ ସନ୍ଧ୍ୟା ଯାଏ, ସମଗ୍ର ଦିନ ପାଇଁ ଆମେ ଆମ ମଣ୍ଡଳୀର ଯୁବକ ଯୁବତୀ, ବାଇବଲ କଲେଜର ଛାତ୍ର ଓ ମଣ୍ଡଳୀ ନେତାମାନଙ୍କୁ ନେଇ ତିନୋଟି ପୃଥକ୍ ଅଧିବେଶନରେ ଯୁବ ସମ୍ମିଳନୀର ଆୟୋଜନ କରିଥିଲୁ । ବାଙ୍ଗାଲୋରର ରେଭ.ଡ. ସନ୍ନି ପ୍ରାସାଦ ମୁଖ୍ୟ ବକ୍ତାରୂପେ କାର୍ଯ୍ୟ କରିଥିଲେ । ଗୁଜୁରାଟର ରେଭ.ନୟନ ରଞ୍ଜନ ବୀରୁ ଆସି ଆମ ସହିତ ରହିଥିଲେ ଓ ଅଗଷ୍ଟ ୧୫ ରୁ ୨୦ ପର୍ଯ୍ୟନ୍ତ ଆମ ବାଇବଲ କଲେଜର ଛାତ୍ରମାନଙ୍କ ପାଇଁ ବିଶେଷ ଶିକ୍ଷାଧିବେଶନ ପରିଚାଳନା କରିଥିଲେ ।*



**Rev. Sam Selva Raj & Rev. Nayan Ranjan Beero**

*ଆମେ ଏହି ସମସ୍ତ ବ୍ୟକ୍ତିମାନଙ୍କ ନିମନ୍ତେ ଆପଣମାନଙ୍କର ପ୍ରାର୍ଥନା ଆବଶ୍ୟକ କରୁଅଛୁ, ଯେଉଁମାନେ ଭାରତରେ ଓ ଏହାର ପଡ଼ୋଶୀ ଦେଶଗୁଡ଼ିକରେ ସୁସମାଚାରର ଅଗ୍ରଗତି ପାଇଁ ପରିଶ୍ରମ କରୁଛନ୍ତି । ଆମେ ଖୁସିର ସହିତ ଜଣାଉଅଛୁ ଯେ ଅନେକ ଆତ୍ମା ପ୍ରତିଦିନ ଆମର ବହୁମୁଖୀ ସେବାକାର୍ଯ୍ୟ ମାଧ୍ୟମରେ କାଲଭରୀର ପ୍ରେମ ନିକଟକୁ ଆକର୍ଷିତ ହେଉଛନ୍ତି । ଆମେ ଆପଣମାନଙ୍କର ପ୍ରାର୍ଥନା ଆବଶ୍ୟକ କରୁଅଛୁ ।*

*ଆପଣମାନଙ୍କ ପାଇଁ ମଧ୍ୟ ଆମେ ନିରନ୍ତର ପ୍ରାର୍ଥନା କରୁଅଛୁ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ ।*

**ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ସେବକଗଣ,**

**ପାଳକ ଏସ୍. ସାମ୍ ସେଲ୍‌ଭାରାଜ୍ ଓ ଆଲେକ୍ସ ସାମସନ୍ ସାମ୍**

(+91) 98412 71858 / 98410 71858,
E.mail : samselvaraj333@gmail.com

*(୧ମ ପୃଷ୍ଠାର ଅବଶିଷ୍ଟାଂଶ)*

**ସଦାପ୍ରଭୁଙ୍କୁ ସେବା କରିବା''** । ଏଠାରେ ଗୋଟିଏ ପ୍ରଶ୍ନ ଅଛି, ''ଆପଣମାନେ କାହାର ସେବା କରିବେ ?'' ଏହା ସତ୍ୟ ଅଟେ ଯେ ଆମେ ସମସ୍ତେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ସେବା କରୁଅଛୁ ?'' ମାତ୍ର ଆମେ କ'ଣ କେବଳ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ସେବା କରୁ ?

ଆମେ ଯିହୋଶୂୟଙ୍କ ଜୀବନୀକୁ ପାଠ କରୁଥିବା ସମୟରେ, ଏହା ବୁଝୁ ଯେ ସେ ୨୪ ଅଧ୍ୟାୟରେ ଗୋଟିଏ ବଡ଼ ଆହ୍ୱାନର ସମ୍ମୁଖୀନ ହୋଇଥିଲେ । ଈଶ୍ୱର ଯିହୋଶୂୟଙ୍କୁ କହିଥିଲେ, ''ଆମ୍ଭେ ଇସ୍ରାଏଲୀୟମାନଙ୍କୁ ମିଶରରୁ ବାହାର କରି ଆଣିଲୁ ଓ ସେମାନଙ୍କ ଆରମ୍ଭରୁ ଆଶୀର୍ବାଦ କରି ସେମାନଙ୍କୁ ଆମ୍ଭର ନାମ ଦେଲୁ । ଯେତେବେଳେ ସେମାନେ ସାହାଯ୍ୟ ପାଇଁ ଆମ୍ଭ ନିକଟରେ କ୍ରନ୍ଦନ କଲେ, ସେତେବେଳେ ଆମ୍ଭେ ସେମାନଙ୍କ ସହିତ ରହି ସେମାନଙ୍କୁ ବଞ୍ଚାଇଲୁ । ଆମ୍ଭେ ସେମାନଙ୍କୁ ସମସ୍ତ ଅନ୍ଧକାର ମଧ୍ୟରୁ ଉଦ୍ଧାର କରି ଶୁଷ୍କ ଭୂମି ଦେଇ ସୂଫ ସାଗର ଅତିକ୍ରମ କରାଇଲୁ । ଯେତେବେଳେ ମିଶରୀୟ ସୈନ୍ୟ ସେମାନଙ୍କୁ ଅନୁଧାବନ କଲେ, ସେତେବେଳେ ମୁଁ ସେମାନଙ୍କ ପାଇଁ ପଳାୟନର ଏକ ମାର୍ଗ ପ୍ରସ୍ତୁତ କରିଥିଲି ।'' ଈଶ୍ୱର ଇସ୍ରାଏଲୀୟମାନଙ୍କ ପାଇଁ କରିଥିବା ସମସ୍ତ ଉତ୍ତମ କର୍ମ ବର୍ଣ୍ଣନା କରିବା ପରେ, ଯିହୋଶୂୟ ପଚାରିଥିଲେ, ''ତୁମ୍ଭେମାନେ କାହାର ସେବା କରିବ ?''

ପ୍ରଭୁଙ୍କ ସେବା କରିବା ପାଇଁ ଆମ ନିକଟରେ ଏକ ଲକ୍ଷ୍ୟ ରହିବା ଆବଶ୍ୟକ । ପ୍ରଭୁଙ୍କ ସେବା କରିବା ପାଇଁ ସେହି ଦୃଢ଼ ପ୍ରତ୍ୟୟରେ ଆମେ ଏକ ଦର୍ଶନ ଓ ପ୍ରତ୍ୟାଦେଶ ଆବଶ୍ୟକ କରୁ । ଏହି ଦିନ ଗୁଡ଼ିକରେ ଏହା ଦେଖିବା ଅତି କଷ୍ଟକର ଅଟେ ଯେ ଯେଉଁମାନେ ପରିତ୍ରାଣ ପାଇଛନ୍ତି ଓ ବାପ୍ତିଜିତ ହୋଇଛନ୍ତି, ସେମାନେ ସେମାନଙ୍କର ପରିବେଶ ଅନୁସାରେ ପରିବର୍ତ୍ତିତ ହୁଅନ୍ତି । ସେମାନେ ପ୍ରଭୁଙ୍କ ସେବା କରିବା ପାଇଁ ସେମାନଙ୍କ ଦର୍ଶନରେ ଦୃଢ଼ ହୋଇ ନ ଥିବାରୁ, ପରିସ୍ଥିତି ପରିବର୍ତ୍ତିତ ହେବା ମାତ୍ରେ ସେମାନେ ଏହାକୁ ହରାଇ ଦିଅନ୍ତି ।

ଯିହୋଶୂୟ କହିଛନ୍ତି, **''ମୁଁ ଓ ମୋହର ପରିଜନ, ଆମ୍ଭେମାନେ ସଦାପ୍ରଭୁଙ୍କର ସେବା କରିବା ।''** ଲୋକମାନେ ଉତ୍ତର ଦେଇ କହିଥିଲେ, ''ଅନ୍ୟ ଦେବତାମାନଙ୍କ ସେବା କରିବା ନିମନ୍ତେ ଆମ୍ଭେମାନେ ଯେ ସଦାପ୍ରଭୁଙ୍କୁ ପରିତ୍ୟାଗ କରିବୁ, ଏହା ଦୂରେ ଥାଉ ।'' ଆମେ ସେହି ବ୍ୟକ୍ତିଙ୍କର ଉପାସନା କରୁ ଯାହାଙ୍କୁ ଆମେ ସର୍ବାଧିକ ପ୍ରେମ କରୁ । ସଦାପ୍ରଭୁ ପରମେଶ୍ୱର ମଧ୍ୟ ତାଙ୍କର ସନ୍ତାନମାନେ କେବଳ ତାଙ୍କର ଉପାସନା କରନ୍ତୁ ବୋଲି ଆଶା କରନ୍ତି । ସେ ଏହି ବିଷୟରେ ଈର୍ଷାଳୁ ଅଟନ୍ତି । ସେ ସେହି ଲୋକମାନଙ୍କ ପ୍ରତି ସନ୍ତୁଷ୍ଟ ନୁହଁନ୍ତି ଯେଉଁମାନେ ସମୟର ପରିବର୍ତ୍ତନ ଅନୁସାରେ ସେମାନଙ୍କର ବିଶ୍ୱାସ ଓ ମତକୁ ପରିବର୍ତ୍ତନ କରନ୍ତି । ସେ କେବଳ ସେମାନଙ୍କୁ ଆଶୀର୍ବାଦ କରନ୍ତି ଯେଉଁମାନଙ୍କଠାରେ ଆତ୍ମିକ ଦର୍ଶନ ଅଛି ଓ ଯେଉଁମାନେ ସେହି ଅନୁସାରେ ଜୀବନ କାଟନ୍ତି । ଅନେକ ଲୋକ ନିଜ ନିଜକୁ ଏପରି ପରିବେଶରେ ଆବିଷ୍କାର କରନ୍ତି ଯାହା ସଦାପ୍ରଭୁଙ୍କୁ ଉପାସନା ଓ ଅନୁସରଣ କରିବା ପାଇଁ ଅନୁକୂଳ ନ ଥାଏ । ଯଦିଓ ଅନେକେ ଯୀଶୁଙ୍କ ଅନୁଗାମୀ ହେବାକୁ ଇଚ୍ଛା କରନ୍ତି, ତଥାପି ସେମାନଙ୍କର ସମାଜ ସେହିପରି କରିବା ପାଇଁ ସେମାନଙ୍କୁ ଅନୁମତି ଦିଏ ନାହିଁ । ମାତ୍ର ମୁଁ ଆପଣମାନଙ୍କୁ ଏହା ସ୍ମରଣ କରାଇ ଦେବା ପାଇଁ ଇଚ୍ଛା କରେ, **''ଈଶ୍ୱର ତାଙ୍କର ସନ୍ତାନମାନଙ୍କୁ ଆଦୌ ପରିତ୍ୟାଗ କରିବେ ନାହିଁ ।''** ସେ ସମଗ୍ର ପରିବାରକୁ ନିଶ୍ଚିତ ଭାବେ ପରିତ୍ରାଣ ଦେବେ । **''ସେମାନେ କହିଲେ, ପ୍ରଭୁ ଯୀଶୁଙ୍କଠାରେ ବିଶ୍ୱାସ କର, ତାହାହେଲେ ତୁମ୍ଭେମାନେ ସପରିବାରରେ ପରିତ୍ରାଣ ପାଇବ''** (ପ୍ରେରିତ ୧୬:୩୧) । ସଦାପ୍ରଭୁଙ୍କ ବାକ୍ୟରେ ଏହି ପ୍ରତିଜ୍ଞା ଅଛି ଯେ ଯଦି ପରିବାରର ଜଣେ ବ୍ୟକ୍ତି ପ୍ରଭୁ ଯୀଶୁଙ୍କୁ ଗ୍ରହଣ କରିବ, ତେବେ ସମଗ୍ର ପରିବାର ପରିତ୍ରାଣ ପାଇବ ।

ଯିଏ ଖ୍ରୀଷ୍ଟଙ୍କୁ ପ୍ରକୃତରେ ଅନୁସରଣ କରିଛି, ସେ କେବେ ହେଲେ ପଥଭ୍ରଷ୍ଟ ହୋଇ ନାହିଁ । ଏପରିକି ଆଜି ମଧ୍ୟ ଆମେ ଏହା ଦେଖୁ ଯେ ପ୍ରଭୁ ଯୀଶୁଙ୍କର ସେବା କରୁଥିବା ଲୋକମାନେ, ପ୍ରାୟତଃ ପୃଥିବୀର ବଡ଼ ବଡ଼ ନେତା ହୋଇଛନ୍ତି । ଈଶ୍ୱର ନିଜେ ସମଗ୍ର ପୃଥିବୀ ଉପରେ ରାଜତ୍ୱ କରନ୍ତି । ସମସ୍ତ ମହାଦେଶର ଲୋକମାନେ ତାଙ୍କ ସର୍ବଶକ୍ତିମାନ ନାମ ସମ୍ବନ୍ଧୀୟ ଜ୍ଞାନ ମଧ୍ୟକୁ ଆସୁଛନ୍ତି । ଯିହୋଶୂୟଙ୍କ ସଦୃଶ, ଆସନ୍ତୁ ଆମେ ସମସ୍ତେ ପ୍ରଭୁଙ୍କର ସେବା କରିବା ଓ ଆମ ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ନିକଟରେ ମଧ୍ୟ ଚିରଦିନ ପାଇଁ ସଦାପ୍ରଭୁଙ୍କର ସେବା କରିବାର ଦୃଢ଼ ଲକ୍ଷ୍ୟ ରହୁ ।

ଯଦି ଆପଣ ''ଗୁପ୍ତ ଖ୍ରୀଷ୍ଟିଆନ'' ଅଟନ୍ତି ଓ ଯୀଶୁ ଖ୍ରୀଷ୍ଟଙ୍କୁ ପ୍ରକାଶ୍ୟରେ ସ୍ୱୀକାର କରନ୍ତି ନାହିଁ, ତେବେ ଆପଣଙ୍କ ପାଇଁ ଆପଣଙ୍କ ଜୀବନ ଶୈଳୀକୁ ପରିବର୍ତ୍ତିତ କରିବାର ସମୟ ଆସିଛି । ଯୀଶୁ କହିଛନ୍ତି, **''ଆଉ, ଯେ କେହି ଲୋକଙ୍କ ସାକ୍ଷାତ୍‌ରେ ମୋତେ ସ୍ୱୀକାର କରିବ, ମୁଁ ମଧ୍ୟ ମୋହର ସ୍ୱର୍ଗସ୍ଥ ପିତାଙ୍କ ସାକ୍ଷାତରେ ତାହାକୁ ସ୍ୱୀକାର କରିବି''** (ମାଥିଉ ୧୦:୩୨) ।

ସର୍ବଦା ଏକ ଭୟ ପୂର୍ଣ୍ଣ ଜୀବନ କାଟିବା ପାଇଁ ବାଇବଲ ଆପଣଙ୍କୁ ଅନୁମତି ଦିଏ ନାହିଁ । ଯଦି ଆମର ପ୍ରାର୍ଥନାକୁ ସ୍ୱର୍ଗକୁ ପହଞ୍ଚାଇବାକୁ ହେବ, ତେବେ ପ୍ରଭୁ ଯୀଶୁ ଆମ ଜୀବନରେ ଯାହା କରିଛନ୍ତି, ତାହାକୁ ପ୍ରକାଶ୍ୟରେ ସ୍ୱୀକାର କରିବାକୁ ହେବ । ସେଥିପାଇଁ, ଯୀଶୁଙ୍କ ପାଇଁ ସାହସର ସହିତ ବଞ୍ଚିବାକୁ ହେବ । ଯିହୋଶୂୟ ଗୋଟିଏ ଐତିହାସିକ ବାଇବଲ ଚରିତ୍ର ଯାହାଙ୍କ ଜୀବନରେ ପ୍ରଭୁ ମହା ଆଶ୍ଚର୍ଯ୍ୟ କର୍ମ ଅଲୌକିକତା ପ୍ରଦର୍ଶନ କରିଥିଲେ । ଯେତେବେଳେ ତାଙ୍କର ସମାଜ ସଦାପ୍ରଭୁଙ୍କ ସାକ୍ଷାତ୍‌ରେ ଏକ ସନ୍ତୋଷଜନକ ଜୀବନ କାଟିବାରେ ବିଫଳ ହୋଇଥିଲେ, ସେତେବେଳେ ସେ ନିଜର ଆତ୍ମିକ ବିଶ୍ୱାସରେ ଦୃଢ଼ ଥିଲେ ଓ ନିଜ ଲୋକମାନଙ୍କ ସାକ୍ଷାତ୍‌ରେ ଓ ନିଜ ସଦାପ୍ରଭୁ ପରମେଶ୍ୱରଙ୍କ ସାକ୍ଷାତ୍‌ରେ ଏକ ବିଜୟୀ ଜୀବନ କାଟୁଥିଲେ । ଯଦି ଆପଣ ପ୍ରଭୁ ଯୀଶୁଙ୍କ ଉପାସନାରେ ଏକ ଲକ୍ଷ୍ୟଧାରୀ ବ୍ୟକ୍ତିରେ ପରିଣତ ହେବେ, ତେବେ ଆପଣ ସଫଳତାର ସହିତ ବାହାରି ଆସି ପାରିବେ ।

## ୨. ଲକ୍ଷ୍ୟଧାରୀ ଲୋକମାନେ ଈଶ୍ୱରଙ୍କୁ ଓ ଈଶ୍ୱରଙ୍କ ମଣ୍ଡଳୀକୁ ପ୍ରାଧାନ୍ୟ ଦିଅନ୍ତି ।

ବାଇବଲ କହେ, **''କିନ୍ତୁ ତୁମ୍ଭେମାନେ ପ୍ରଥମରେ ତାହାଙ୍କ ରାଜ୍ୟ ଓ ଧାର୍ମିକତା ଅନ୍ୱେଷଣ କର, ଆଉ ଏହି ସମସ୍ତ ବିଷୟ ମଧ୍ୟ ତୁମ୍ଭମାନଙ୍କୁ ଦିଆଯିବ''** (ମାଥିଉ ୬:୩୩) । ଆମେ ପ୍ରଥମେ ଈଶ୍ୱରଙ୍କ ରାଜ୍ୟ ଅନ୍ୱେଷଣ କରୁ ବୋଲି ଯୀଶୁ ଇଚ୍ଛା କରନ୍ତି । ମାତ୍ର ଜାଗତିକ ଲୋକମାନେ ଅର୍ଥ ଅନ୍ୱେଷଣ କରିବାକୁ ଚାହାଁନ୍ତି ଓ କେବଳ ଅର୍ଥ ମାଧ୍ୟମରେ ସମସ୍ତ ଖୁସି ମିଳିପାରିବ ବୋଲି ଭାବନ୍ତି । ମାତ୍ର ବାଇବଲ ଏହାର ବିପରୀତ ବିଷୟ ଘୋଷଣା କରେ । ଯେତେବେଳେ ଆପଣ ଈଶ୍ୱରଙ୍କ ରାଜ୍ୟରେ ପହଞ୍ଚିବାର ମାର୍ଗ ଅନ୍ୱେଷଣ କରୁଛନ୍ତି, ତେବେ ଆପଣ ଏହି ଜଗତରେ ଆବଶ୍ୟକ କରୁଥିବା ପ୍ରତ୍ୟେକଟି ଆଶୀର୍ବାଦ ଆପଣଙ୍କର ଅନୁଗାମୀ ହେବ । ଯେତେବେଳେ ଆମେ ଜାଗତିକ ଆଶୀର୍ବାଦ ବିଷୟରେ ଚିନ୍ତିତ ହେଉ, ସେତେବେଳେ ଯୀଶୁଙ୍କ ଭାଷାରେ ଏହା ଏହିପରି ଅଟେ, **''ହେ ଅଳ୍ପ ବିଶ୍ୱାସୀମାନେ''** (ମାଥିଉ ୬:୩୦) । ସାଧାରଣ ଭାବରେ, ଆମେ ଯେଉଁ ସବୁ ବିଷୟରେ ଚିନ୍ତିତ ହେବା ଉଚିତ୍, ସେହିସବୁ ବିଷୟରେ ଚିନ୍ତିତ ହେଉ ନାହୁଁ । ଏହା ପରିବର୍ତ୍ତେ, ଆମେ ଗୁରୁତ୍ୱହୀନ ବିଷୟଗୁଡ଼ିକ ପାଇଁ ଚିନ୍ତିତ ହେଉ । ଯୀଶୁ ଆମକୁ କହିଛନ୍ତି ଯେ ଆମେ ଆମର ଖାଦ୍ୟ, ବସ୍ତ୍ର ଓ ଜାଗତିକ ଆବଶ୍ୟକତାଗୁଡ଼ିକ ବିଷୟରେ ଚିନ୍ତିତ ହେବା ଆବଶ୍ୟକ ନୁହେଁ । ଯଦି ଈଶ୍ୱର ବନ୍ୟ ଫୁଲଗୁଡ଼ିକୁ ସୌନ୍ଦର୍ଯ୍ୟ ଓ ପଶୁ ଓ ପକ୍ଷୀମାନଙ୍କୁ ଖାଦ୍ୟ ଦେଇ ପାରନ୍ତି, ତେବେ ସେ ଆପଣଙ୍କୁ ଓ ମୋତେ କ'ଣ ଆବଶ୍ୟକୀୟ ବିଷୟ ଯୋଗାଇପାରିବେ ନାହିଁ ? ଆମେ ଯେପରି ଯିହୋଶୂୟଙ୍କ ବିଷୟରେ ପାଠ କରିବା ସମୟରେ, ଏଠାରେ ଗୋଟିଏ ପ୍ରଶ୍ନର ସମ୍ମୁଖୀନ ହେଉ, **''ଆମେ କେଉଁ ବିଷୟରେ ଚିନ୍ତିତ ହେଉ ?''**

ଉତ୍ତର ହେଉଛି, ''ଆମେ ଈଶ୍ୱର ଓ ତାଙ୍କ ଧାର୍ମିକତା ବିଷୟରେ ଚିନ୍ତିତ ହେବା ଉଚିତ୍ ।'' ମାତ୍ର ଆଜିର ଖ୍ରୀଷ୍ଟିଆନମାନେ, ମୁଖ୍ୟତଃ ଜାଗତିକ ଆଶୀର୍ବାଦ ଅନ୍ୱେଷଣ କରନ୍ତି ଓ ଜାଗତିକ ବିଷୟଗୁଡ଼ିକୁ ଅଗ୍ରାଧିକାର ଦିଅନ୍ତି, ଈଶ୍ୱରଙ୍କ ରାଜ୍ୟ ଓ ଧାର୍ମିକତା ସେମାନଙ୍କ ପାଇଁ ଗୌଣ ଅଟେ । ମାତ୍ର ସେମାନେ ଏହା ମନେ ରଖିବା ଉଚିତ୍ ଯେ ସେମାନେ ବିଫଳତାର ରାସ୍ତାରେ ଚାଲିବା ଆରମ୍ଭ କରି ସାରିଛନ୍ତି ।

ପ୍ରିୟ ଭାଇ ଓ ଭଉଣୀମାନେ, ଆପଣମାନେ ବିଷାଦଗ୍ରସ୍ତ ଓ ପରାଜିତ ଅଛନ୍ତି କି ? ଯଦି ଆପଣମାନେ ସମସ୍ତ ପରିବାର ସଦସ୍ୟଙ୍କୁ ଏକତ୍ର କରି ଯୀଶୁଙ୍କ ନିକଟରେ ପ୍ରାର୍ଥନା କରିବେ, ତେବେ ସେ ଆପଣମାନଙ୍କର ସମସ୍ତ ଭାର ଓ ଚିନ୍ତା ନେଇଯିବେ । ଆପଣମାନଙ୍କର ଋଣ ସବୁ ପରିଶୋଧ ହେବ, ଆପଣମାନଙ୍କର ପରିବାର ଓ ସନ୍ତାନମାନେ ଆଶୀର୍ବାଦପ୍ରାପ୍ତ ହେବେ, ଆପଣମାନଙ୍କ ସନ୍ତାନମାନଙ୍କର ଭବିଷ୍ୟତ୍ ଉତ୍ତମ ହେବ ।

ଯଦି ଆପଣମାନେ ଯୌବନ କାଳରେ ହିଁ ଏକ ଉତ୍ତମ ଜୀବନ କାଟିବାର ନିଷ୍ପତ୍ତି ନେବେ, ତେବେ ଆପଣମାନଙ୍କର ବୃଦ୍ଧାବସ୍ଥା ସମୟରେ ପଛକୁ ଚାହିଁଲେ ଆପଣମାନେ ଆବିଷ୍କାର କରିବେ ଯେ ଆପଣମାନେ ପ୍ରକୃତରେ ଏକ ବିଜୟୀ ଜୀବନ କାଟିଛନ୍ତି । ବାଇବଲ ପ୍ରଭୁ ଭୟକାରୀ ଲୋକମାନଙ୍କ ନିକଟରେ ପ୍ରତିଜ୍ଞା କରିଅଛି, **''ତୁମ୍ଭେ ଆପଣା ହସ୍ତକୃତ କର୍ମର ଫଳ ଭୋଜନ କରିବ''** (ଗୀତସଂହିତା ୧୨୮:୨) । ଏହି ପ୍ରକାର ଆଶୀର୍ବାଦ ପାଇବା ନିମନ୍ତେ ଈଶ୍ୱରଙ୍କ ରାଜ୍ୟ ଅନ୍ୱେଷଣ କରିବାକୁ ଚେଷ୍ଟା କରନ୍ତୁ ।

ଈଶ୍ୱରଙ୍କ ପ୍ରତି ଆପଣଙ୍କର ସେବା ହୁଏତ ବାହ୍ୟ ପ୍ରଭାବରୁ ମୁକ୍ତ ହୋଇପାରେ । ଯେତେବେଳେ ଆପଣ କୌଣସି ଜାଗତିକ ପୁରସ୍କାରର ଆଶା ନ ରଖି କାର୍ଯ୍ୟ କରିବେ, ସେତେବେଳେ ଈଶ୍ୱର ଆପଣଙ୍କୁ ସ୍ୱର୍ଗରୁ ଆଶୀର୍ବାଦ କରିବାରେ ସନ୍ତୁଷ୍ଟ ହେବେ ।

ଆପଣଙ୍କର ସେବାକାର୍ଯ୍ୟ ବଡ଼ ହେଉ କି ଛୋଟ ହେଉ, ଏହାକୁ ଖୁସିରେ ଗ୍ରହଣ କରନ୍ତୁ ଓ ସଂପୂର୍ଣ୍ଣ ହୃଦୟର ସହିତ ଏହା କରନ୍ତୁ । ଏହା ଆପଣଙ୍କ ପ୍ରତି ଯଥାର୍ଥ ଆଶୀର୍ବାଦ ଆଣିବ । ଈଶ୍ୱର ଆପଣଙ୍କ ନିକଟକୁ ଠିକ୍ ସମୟରେ ସାହାଯ୍ୟ ପ୍ରେରଣ କରିବେ । ସେ ଏହି ଅସୁସ୍ଥତା ଓ ଦୁଃଖରେ ପରିପୂର୍ଣ୍ଣ ଜଗତରେ ଆପଣଙ୍କୁ ସାନ୍ତ୍ୱନା ଦେବେ । ସେ ଆପଣଙ୍କ ଜୀବନର ଶେଷ ପର୍ଯ୍ୟନ୍ତ ଆପଣଙ୍କର ସମସ୍ତ ଆବଶ୍ୟକତା ପୂରଣ କରିବା ପାଇଁ ସମର୍ଥ ଅଟନ୍ତି । ଆମେ ଈଶ୍ୱରଙ୍କ ହସ୍ତରୁ ପାଉଥିବା ଆଶୀର୍ବାଦ ସଂପୂର୍ଣ୍ଣ, ସିଦ୍ଧ, ଓ ଅତ୍ୟୁତ୍ତମ ଅଟେ । **ଆମକୁ**

*(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)*


# नहेम्याह बाइबल कॉलेज
## रेसिडेन्शल कॉलेज, चेन्नई।

ECHO OF HIS CALL 1969-2019 (ECHO GROUP)

**माध्यम: हिन्दी**

ATA NEHEMIAH BIBLE COLLEGE CHENNAI — Regd. Candidate for Membership ★ ECHO OF HIS CALL ★ Estd. 1969

*सदस्यता के लिए पंजीकृत उम्मीदवार* - ATA

**सुविख्यात अंतर्राष्ट्रीय मसीही अगुवे तथा पिछले 53 वर्षो से सेवारत वरिष्ठ पासवान**

**सर्टिफिकेट इन थियोलॉजी – 1 साल**

**डिप्लोमा ऑफ थियोलॉजी – 2 साल**

**योग्यता 10 वी या अधिक**

**जल्दी करें!**

**Contact : The Chairman, Nehemiah Bible College.**

**10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.**
**Phone : (+91-44) 2852 8282, Cell : (+91) 98410 71852 / 95661 31858**
E.mail : sam@echoofhiscall.org / Website : www.echoofhiscall.org

★ ऑनलाइन कक्षाएं उपलब्ध हैं ★

GREAT COMMISSION PARTNERS

ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)

ପ୍ରଶଂସା ଓ ପ୍ରାର୍ଥନାର ବିଷୟ,

(୨୦୨୨ ଅକ୍ଟୋବର ୧୯ ରୁ ୨୦୨୨ ନଭେମ୍ବର ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ପ୍ରଶଂସାର ବିଷୟ

| | | |
|---|---|---|
| ଅକ୍ଟୋବର ୧୯ | ⇨ | ଆମକୁ ଅପହଞ୍ଚ ଅଞ୍ଚଳରେ ସୁସମାଚାର ପହଞ୍ଚାଇବାରେ ସାହାଯ୍ୟ କରିଥିବାରୁ । |
| ଅକ୍ଟୋବର ୨୦ | ⇨ | ଆମର ମୁଖ୍ୟ ଓ ଶାଖା ମଣ୍ଡଳୀ ଗୁଡ଼ିକରେ ଅଧିକ ବିଶ୍ୱାସୀ ଯୋଗାଇଥିବାରୁ । |
| ଅକ୍ଟୋବର ୨୧ | ⇨ | ଆମ ମୁଖ୍ୟ ଉପାସନାଳୟର ପୁରୁଷମାନଙ୍କର ସଭା ଉପରେ ଆଶୀର୍ବାଦ କରିଥିବାରୁ । |
| ଅକ୍ଟୋବର ୨୨ | ⇨ | ଆମ ଛାପାକଳରେ ଛପା ଯାଇ ମିଶନ କ୍ଷେତ୍ରଗୁଡ଼ିକୁ ପ୍ରେରଣ କରାଯାଉଥିବା ୧୬ଟି ଭାଷାରେ ପ୍ରକାଶିତ ପତ୍ରିକା ଉପରେ ଆଶୀର୍ବାଦ କରିଥିବାରୁ । |
| ଅକ୍ଟୋବର ୨୩ | ⇨ | ଆମର ସେଣ୍ଟପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ, ନିହିମିୟା ବାଇବଲ କଲେଜ ଓ ଥିଓଲୋଜିକାଲ କରେସପଣ୍ଡେସ ପାଠ୍ୟକ୍ରମ ନିମନ୍ତେ । |
| ଅକ୍ଟୋବର ୨୪ | ⇨ | ଆମ ମୁଖ୍ୟ ଉପାସନାଳୟରେ ମହିମଳା ସଭା ନିମନ୍ତେ । |
| ଅକ୍ଟୋବର ୨୫ | ⇨ | ନିୟମିତ ଭାବରେ ଥିଓଲୋଜିକାଲ ଅଧିବେଶନଗୁଡ଼ିକୁ ଚଳାଇବାରେ ସମର୍ଥ କରିଥିବାରୁ । |
| ଅକ୍ଟୋବର ୨୬ | ⇨ | ୧୯୬୯ ମସିହାରୁ ପତ୍ରିକା ସେବାକାର୍ଯ୍ୟ ପ୍ରତି ଆମର ସମର୍ପଣ ଉପରେ ତାଙ୍କର ଆଶୀର୍ବାଦ ନିମନ୍ତେ । |
| ଅକ୍ଟୋବର ୨୭ | ⇨ | ଆମ କାର୍ଯ୍ୟକାରୀମାନଙ୍କ ପରିବାରଗୁଡ଼ିକ ଉପରେ ତାଙ୍କର ଆଶୀର୍ବାଦ ବୃଷ୍ଟି ନିମନ୍ତେ । |
| ଅକ୍ଟୋବର ୨୮ | ⇨ | ଆମ ପ୍ରାର୍ଥନାସାଥୀ, ସଭ୍ୟ ସଭ୍ୟା, ବିଶ୍ୱାସ ସାଥୀ, ଆଜୀବନ ସଭ୍ୟ ଓ ମହା ଆଦେଶ ସାଥୀମାନଙ୍କ ପ୍ରତି ଓ ସେମାନଙ୍କ ପରିବାର ପ୍ରତି ତାଙ୍କର ଦୟା ନିମନ୍ତେ । |
| ଅକ୍ଟୋବର ୨୯ | ⇨ | ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟର ୫୪ତମ ବର୍ଷ ମଧ୍ୟରେ ପ୍ରବେଶ କରିବା ପାଇଁ ଆମକୁ ଆଶୀର୍ବାଦ କରିଥିବାରୁ । |
| ଅକ୍ଟୋବର ୩୦ | ⇨ | ୫୪ତମ ବର୍ଷ ମଧ୍ୟରେ ଆମର ପ୍ରବେଶକୁ ସ୍ମରଣ କରିବା ପାଇଁ କାର୍ଯ୍ୟକ୍ରମ ସବୁ ପରିଚାଳନା କରିବାରେ ଆମକୁ ସାହାଯ୍ୟ କରିଥିବାରୁ । |
| ଅକ୍ଟୋବର ୩୧ | ⇨ | ଅନ୍ୟ ସେବାକାର୍ଯ୍ୟଗୁଡ଼ିକୁ ମଧ୍ୟ ସହାୟତା ଦେବା ପାଇଁ ଆମକୁ ସମର୍ଥ କରିଥିବାରୁ । |
| ନଭେମ୍ବର ୧ | ⇨ | ଆମର ସମସ୍ତ ଅର୍ଥନୈତିକ ଆବଶ୍ୟକତା ପୂରଣ କରୁଥିବାରୁ । |
| ନଭେମ୍ବର ୨ | ⇨ | ଗତ ମାସରେ ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟର ସମସ୍ତ କାର୍ଯ୍ୟକଳାପ ନିମନ୍ତେ । |
| ନଭେମ୍ବର ୩ | ⇨ | ଆମର ପାଳକ ଏସ୍.ସାମ୍ ସେଲ୍‌ଭାରାଜ୍ ଓ ତାଙ୍କ ପରିବାର ଉପରେ ପ୍ରଚୁର ଆଶୀର୍ବାଦ କରିଥିବାରୁ । |

## ପ୍ରାର୍ଥନାର ବିଷୟ

| | | |
|---|---|---|
| ନଭେମ୍ବର ୪ | ⇨ | ଆମର ସହଯୋଗୀ ସଂପାଦକ ଓ ସେମାନଙ୍କ ପରିବାର ନିମନ୍ତେ । |
| ନଭେମ୍ବର ୫ | ⇨ | ଆମର ସାଥୀଗଣ ଓ ସେମାନଙ୍କ ପରିବାର ସଦସ୍ୟ ମାନଙ୍କ ନିମନ୍ତେ । |
| ନଭେମ୍ବର ୬ | ⇨ | ପୁଣି ଥରେ ଅସୁସ୍ଥ ହୋଇଥିବା ଆମର ଭଉଣୀ ଜେସୀ ଭିନା ସାମ୍ ସେଲ୍‌ଭାରାଜ୍‌ଙ୍କ ନିମନ୍ତେ । |
| ନଭେମ୍ବର ୭ | ⇨ | ଆତ୍ମ-ଜୀବନୀ ଲେଖିବାରେ ଆମ ବରିଷ୍ଠ ପାଳକଙ୍କର ସଫଳତା ନିମନ୍ତେ । |
| ନଭେମ୍ବର ୮ | ⇨ | ସମସ୍ତ ଖ୍ରୀଷ୍ଟିଆନ ଅନୁଷ୍ଠାନ ଓ ମିଶନେରୀମାନଙ୍କ ନିମନ୍ତେ । |
| ନଭେମ୍ବର ୯ | ⇨ | ପୃଥିବୀର ସମସ୍ତ ଦେଶଗୁଡ଼ିକରୁ କରୋନା ଭୂତାଣୁର ଦୂରୀକରଣ ନିମନ୍ତେ । |
| ନଭେମ୍ବର ୧୦ | ⇨ | ସମଗ୍ର ପୃଥିବୀରେ ଶାନ୍ତି ନିମନ୍ତେ । |
| ନଭେମ୍ବର ୧୧ | ⇨ | ମହିଳା ଓ ଶିଶୁମାନଙ୍କ ବିରୁଦ୍ଧରେ ଚାଲିଥିବା ହିଂସାରୁ ଈଶ୍ୱରଙ୍କ ସୁରକ୍ଷା ନିମନ୍ତେ । |
| ନଭେମ୍ବର ୧୨ | ⇨ | ଏହି ମାସ ପାଇଁ ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟକୁ ଆବଶ୍ୟକୀୟ ଅର୍ଥ ଯୋଗାଇବା ନିମନ୍ତେ । |
| ନଭେମ୍ବର ୧୩ | ⇨ | ସମସ୍ତ ଖ୍ରୀଷ୍ଟିଆନ ଅନୁଷ୍ଠାନ ଓ ମଣ୍ଡଳୀଗୁଡ଼ିକ ଉପରେ ଆଶୀର୍ବାଦ ଓ ସୁରକ୍ଷା ନିମନ୍ତେ । |
| ନଭେମ୍ବର ୧୪ | ⇨ | ଆମ ଦେଶର ସମସ୍ତ ଦିଗରେ ଏକତା ଓ ଉନ୍ନତି ନିମନ୍ତେ । |
| ନଭେମ୍ବର ୧୫ | ⇨ | ସମସ୍ତ ବିଶ୍ୱାସୀଙ୍କ ହୃଦୟର ଚକ୍ଷୁ ଉନ୍ମୁକ୍ତ କରିବା ନିମନ୍ତେ । |
| ନଭେମ୍ବର ୧୬ | ⇨ | ଆମ ନିହିମିୟା ବାଇବଲ କଲେଜର ଛାତ୍ର ଓ ସେମାନଙ୍କ ପାଠ ପଢ଼ା ନିମନ୍ତେ । |
| ନଭେମ୍ବର ୧୭ | ⇨ | ଆମର ସେଣ୍ଟ ପଲ୍‌ସ୍ ମ୍ୟାଟ୍ରିକ୍ୟୁଲେସନ ସ୍କୁଲରେ ଏହି ବର୍ଷ ଯେପରି ଅଧିକ ଛାତ୍ର ନାମ ଲେଖାଇବେ । |
| ନଭେମ୍ବର ୧୮ | ⇨ | ଆମ ବରିଷ୍ଠ ପାଳକ ଏସ୍.ସାମ୍ ସେଲ୍‌ଭାରାଜ୍ ଓ ତାଙ୍କ ପରିବାର ସଦସ୍ୟମାନଙ୍କର ନିରାପତ୍ତା ନିମନ୍ତେ । |

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

**ଈଶ୍ୱରଙ୍କର ଏହି ସମସ୍ତ ଆଶୀର୍ବାଦ ପାଇବା ପାଇଁ ଈଶ୍ୱର ଓ ତାଙ୍କ ଧାର୍ମିକତାକୁ ଅନ୍ୱେଷଣ କରୁଥିବା ବାସ୍ତବ ଲକ୍ଷ୍ୟଧାରୀ ବ୍ୟକ୍ତିରେ ପରିଣତ ହେବାକୁ ପଡ଼ିବ ।**

## ମଣ୍ଡଳୀରେ ଏକତ୍ରିତ ହୁଅନ୍ତୁ

ଅନେକ ଲୋକ ଆଜି କାଲି ରବିବାର ଈଶ୍ୱରଙ୍କର ଉପାସନା କରିବା ପାଇଁ ମାଣ୍ଡଳିକ ଉପାସନାରେ ଯୋଗ ଦେଉ ନାହାନ୍ତି । ଏହିପରି ଭାବରେ ସେମାନେ ପ୍ରମାଣ କରୁଛନ୍ତି ଯେ ସେମାନଙ୍କର ସେମାନଙ୍କ ନିଜସ୍ୱ ଈଶ୍ୱର-ପ୍ରଦତ୍ତ ମଣ୍ଡଳୀ ସହିତ ସଠିକ୍ ସଂପର୍କ ଓ ଆସକ୍ତ ନାହିଁ । ସେମାନେ ଈଶ୍ୱରଙ୍କ ତଥା କଥିତ ନୂତନ ସେବକ, ସାମାଜିକ ଗଣମାଧ୍ୟମ ଦ୍ୱାରା ଭୁଲ୍ ଭାବରେ ଆକର୍ଷିତ ହୁଅନ୍ତି ଓ ସେମାନଙ୍କର ଈଶ୍ୱର ପ୍ରଦତ୍ତ ପାଳକ ଓ ମଣ୍ଡଳୀକୁ ପରିତ୍ୟାଗ କରନ୍ତି । ଏହା ଅତି ବିପଜ୍ଜନକ ଅଟେ ।

(କ) ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ପ୍ରତ୍ୟେକ ବିଶ୍ୱାସୀ ଈଶ୍ୱରଙ୍କ ସହାୟତାରେ ଜଣେ ଉତ୍ତମ ପାଳକ ଓ ମଣ୍ଡଳୀ ଖୋଜି ବାହାର କରିବା ଉଚିତ୍ ।

(ଖ) ସେମାନେ ସେହି ପାଳକ ଓ ମଣ୍ଡଳୀ ସହିତ ସଂଯୁକ୍ତ ରହି ମଣ୍ଡଳୀର ସମସ୍ତ କାର୍ଯ୍ୟରେ ଜଡ଼ିତ ରହିବା ଉଚିତ ।

(ଗ) ସେମାନେ ସଂପୂର୍ଣ୍ଣ ହୃଦୟର ସହିତ ପାଳକ ଓ ମଣ୍ଡଳୀକୁ ସାହାଯ୍ୟ କରିବା ଓ ପ୍ରଭୁଙ୍କ ଚାଳନା ଅନୁସାରେ ତାଙ୍କୁ ସାହାଯ୍ୟ କରିବା ଉଚିତ୍ ।

"... କେହି କେହି ଯେପରି ଆମ୍ଭମାନଙ୍କ ମଣ୍ଡଳୀ ଉପାସନା ପରିତ୍ୟାଗ କରିଥାଆନ୍ତି, ଆମ୍ଭେ ସେପରି ନ କରୁ, ବରଂ ପରସ୍ପରକୁ ଉତ୍ସାହ ଦେଉ, ବିଶେଷରେ ଯେତେବେଳେ ତୁମ୍ଭେମାନେ ପ୍ରଭୁଙ୍କ ଦିନ ନିକଟବର୍ତ୍ତୀ ହୋଇ ଆସୁଅଛି ବୋଲି ଦେଖୁଅଛ" (ଏବ୍ରୀ ୧୦:୨୫) । "ଯେଉଁମାନେ ସଦାପ୍ରଭୁଙ୍କ ଗୃହରେ ରୋପିତ ହୁଅନ୍ତି, ସେମାନେ ଆମ୍ଭମାନଙ୍କ ପରମେଶ୍ୱରଙ୍କ ପ୍ରାଙ୍ଗଣରେ ବର୍ଦ୍ଧିଷ୍ଣୁ ହେବେ" (ଗୀତସଂହିତା ୯୨:୧୩) ।

## ୩. ଉଚ୍ଚାକାଂକ୍ଷୀ ବ୍ୟକ୍ତିମାନେ ଈଶ୍ୱରଙ୍କ ଉଦ୍ଦେଶ୍ୟ ସଫଳ କରନ୍ତି ।

ପ୍ରଭୁ ଯୀଶୁ ଏହି ଜଗତରେ ଜୀବନ କାଟୁଥିବା ସମୟରେ ଏକ ଉଦ୍ଦେଶ୍ୟ ରଖିଥିଲେ । ଅନେକେ ବିଭିନ୍ନ ପ୍ରକାର ଆଶା ନେଇ ତାଙ୍କୁ ଅନୁସରଣ କରୁଥିଲେ । ତଥାପି ସେ ଯେଉଁ ଉଦ୍ଦେଶ୍ୟ ନିମନ୍ତେ ଈଶ୍ୱରଙ୍କ ଦ୍ୱାରା ପ୍ରେରିତ ହୋଇଥିଲେ, ତାହାକୁ ସଫଳ କରିବା ବିଷୟରେ ସତର୍କ ଥିଲେ । ସେ କହିଥିଲେ, "ମୋହର ପ୍ରେରଣକର୍ତ୍ତାଙ୍କର ଇଚ୍ଛା ସାଧନ କରିବା ଓ ତାହାଙ୍କର କାର୍ଯ୍ୟ ସମାପ୍ତ କରିବା, ଏହାହିଁ ମୋହର ଖାଦ୍ୟ" (ଯୋହନ ୪:୩୪) ।

ଯୀଶୁ ଏହି ଜଗତରେ ତାଙ୍କର ଉଦ୍ଦେଶ୍ୟ ସଫଳ କରିବା ପାଇଁ ଅନେକ ପ୍ରତିବନ୍ଧକ ଓ ବିରୋଧର ସମ୍ମୁଖୀନ ହୋଇଥିଲେ । ତାଙ୍କ ସମୟର ଲୋକମାନେ ତାଙ୍କୁ ବିଶ୍ୱାସ କରି ନ ଥିଲେ (ମାଥିଉ୧୩:୫୮) । ତାଙ୍କୁ ମସିହ ଭାବରେ ଗ୍ରହଣ କରାଯାଇ ନ ଥିଲା (ଯୋହନ ୧:୧୧) । ସେମାନେ ତାଙ୍କୁ ବିରୋଧ କରିଥିଲେ (ମାଥିଉ ୮:୩୪) । ସେମାନେ ଜଣେ ବଢ଼େଇର ପୁତ୍ର ବୋଲି ଚିଢ଼େଉଥିଲେ (ମାଥିଉ ୧୩:୫୫) । ସେମାନେ ତାଙ୍କୁ ଅନାବଶ୍ୟକ ପ୍ରଶ୍ନ ପଚାରି ଆଘାତ ଦେଉଥିଲେ (ଯୋହନ ୮:୬) । ତାଙ୍କୁ ପ୍ରହାରିତ କରାଯାଇଥିଲା (ମାଥିଉ ୨୭:୨୬) । ସେମାନେ ତାଙ୍କ ମୁଖରେ ଛେପ ପକାଇଥିଲେ (ମାର୍କ ୧୫:୧୯) । ତାଙ୍କୁ କ୍ରୁଶରେ କଣ୍ଟାବିଦ୍ଧ କରି ହତ୍ୟା କରାଯାଇଥିଲା (ମାର୍କ ୧୫:୨୪) ।

ଏହି ସମସ୍ତ ତିକ୍ତ ଅନୁଭୂତି ମଧ୍ୟରେ, ଯୀଶୁ ତାଙ୍କର ସେହି ଉଦ୍ଦେଶ୍ୟକୁ ଭୁଲି ନ ଥିଲେ ଯେଉଁଥିପାଇଁ ସେ ଏହି ଜଗତ ମଧ୍ୟକୁ ଆସିଥିଲେ । ତାଙ୍କ ପିତାଙ୍କ ଉଦ୍ଦେଶ୍ୟ ସଫଳ କରିବା ତାଙ୍କର ଲକ୍ଷ୍ୟ ଥିଲା । ଆମେ ମଧ୍ୟ ତାଙ୍କ ସଦୃଶ ହେବା ଉଚିତ୍ ।

ଈଶ୍ୱରଙ୍କ ପ୍ରିୟ ସନ୍ତାନ, ଆପଣଙ୍କ ଜୀବନର ଲକ୍ଷ୍ୟ କ'ଣ ? ଆପଣ ଈଶ୍ୱରଙ୍କୁ ସନ୍ତୁଷ୍ଟ କରିବା ଆବଶ୍ୟକ । ଯଦି ଆପଣ ଈଶ୍ୱରଙ୍କ ଯୋଜନା ସଫଳ କରିବା ପାଇଁ ଆପଣଙ୍କ ଲକ୍ଷ୍ୟରେ ଦୃଢ଼ ଅଛନ୍ତି, ତେବେ ସେ ନିଶ୍ଚୟ ଆପଣଙ୍କୁ ଆଶୀର୍ବାଦ କରିବେ ।

## ୪. ଲକ୍ଷ୍ୟଧାରୀ ଲୋକମାନେ ସେମାନଙ୍କ କାର୍ଯ୍ୟ ସଂପୂର୍ଣ୍ଣ କରନ୍ତି ।

"ତୁମ୍ଭେ ମୋତେ ଯେଉଁ କର୍ମ କରିବାକୁ ଦେଇଅଛ, ତାହା ମୁଁ ସମାପ୍ତ କରି ପୃଥିବୀରେ ତୁମ୍ଭକୁ ମହିମାନ୍ୱିତ କରିଅଛି" (ଯୋହନ ୧୭:୪) । ଯେତେବେଳେ ଯୀଶୁ ଏହିପରି ପ୍ରାର୍ଥନା କରିଥିଲେ, ସେତେବେଳେ ଆମକୁ ମଧ୍ୟ ଆମ କାର୍ଯ୍ୟ ସଂପୂର୍ଣ୍ଣ କରିବାର ଦାୟିତ୍ୱ ବହନ କରିବାକୁ ହେବ, ଏହା ଆମେ ବୁଝିବା ଉଚିତ । ପ୍ରେରିତ ପାଉଲ କହିଛନ୍ତି, "ଏବେ ଦେଖ, ମୁଁ ଆତ୍ମାରେ ବାଧ୍ୟ ହୋଇ ଯିରୂଶାଲମକୁ ଯାଉଅଛି, ସେ ସ୍ଥାନରେ ମୋ' ପ୍ରତି କ'ଣ କ'ଣ ଘଟିବ, ତାହା ମୁଁ ଜାଣେ ନାହିଁ, କେବଳ ଏତିକି ଜାଣେ, ମୋ' ପାଇଁ ଯେ ବନ୍ଧନ ଓ କ୍ଲେଶ ରହିଅଛି, ଏହା ପବିତ୍ର ଆତ୍ମା ନଗରେ ନଗରେ ମୋତେ ସାକ୍ଷ୍ୟ ଦେଉଅଛନ୍ତି । କିନ୍ତୁ ମୁଁ ଯେପରି ମୋହର ନିରୂପିତ ପଥର ଶେଷ ପର୍ଯ୍ୟନ୍ତ ଦୌଡ଼ିପାରେ, ଆଉ ଈଶ୍ୱରଙ୍କ ଅନୁଗ୍ରହର ସୁସମାଚାର ପକ୍ଷରେ ସାକ୍ଷ୍ୟ ଦେବା ନିମନ୍ତେ


**ନିହିମିଆ ବାଇବଲ**
**ସାଂଧ୍ୟ କଲେଜ**

ଚେପକ୍ ଓ ସନ୍ତୋଷପୁରମ୍, ଚେନ୍ନାଇ

ମାଧ୍ୟମ - ତାମିଲ

ସଦସ୍ୟତା ପାଇଁ ପଞ୍ଜୀକୃତ ପ୍ରାର୍ଥୀ - ATA

ବିଗତ ୫୩ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ

**ଥିଓଲୋଜିରେ ସାର୍ଟିଫିକେଟ : ଏକ ବର୍ଷ**
**ଥିଓଲୋଜିରେ ଡିପ୍ଲୋମା : ଦୁଇ ବର୍ଷ**

ଯୋଗ୍ୟତା : ୧୦ମ ଓ ତଦୁର୍ଦ୍ଧ୍ୱ

ଆଡ୍‌ମିଶନ ପାଇଁ ଶୀଘ୍ର ଆସନ୍ତୁ !

ଯୋଗାଯୋଗ : **The Chairman, Nehemiah Bible College.**

10, MOHAMMED ABDULLAH 2ND STREET, BELLS ROAD, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org

ଯେଉଁ ସେବାର କାର୍ଯ୍ୟ ପ୍ରଭୁ ଯୀଶୁଙ୍କଠାରୁ ପାଇଅଛି, ତାହା ସଂପୂର୍ଣ୍ଣ କରିପାରେ, ଏଥିପାଇଁ ମୁଁ ଆପଣା ପ୍ରାଣକୁ ପ୍ରିୟଜ୍ଞାନ ନ କରି ତାହା ନଗଣ୍ୟ ମନେ କରୁଅଛି'' (ପ୍ରେରିତ ୨୦:୨୨-୨୪) ।

ପ୍ରେରିତ ପାଉଲ କହିଛନ୍ତି ଯେ ସେ ପ୍ରଭୁଙ୍କଠାରୁ ପାଇଥିବା ସେବାକାର୍ଯ୍ୟ ସଂପୂର୍ଣ୍ଣ କରିବା ପାଇଁ ଇଚ୍ଛା କରୁଛନ୍ତି । ଯୀଶୁ ପୂର୍ବରୁ ଯେଉଁ କାର୍ଯ୍ୟ କରିଥିଲେ, ତାହା ସଂପୂର୍ଣ୍ଣ କରିବା ପାଇଁ ପାଉଲଙ୍କର ଇଚ୍ଛା ଲକ୍ଷ୍ୟ ଯୋଗ୍ୟ ଅଟେ । ସେହି ସମାନ କାର୍ଯ୍ୟ ଆମ ହସ୍ତରେ ମଧ ନ୍ୟସ୍ତ ଅଛି । ଈଶ୍ୱର କୌଣସି ଉଦ୍ଦେଶ୍ୟ ବିନା କାହାରିକୁ ଆହ୍ୱାନ କରି ନାହାନ୍ତି । ଯେତେବେଳେ ଈଶ୍ୱର କୌଣସି ଲୋକୁ ଅନ୍ଧକାରରୁ ଉଦ୍ଧାର କରି ତାକୁ ନିଜର ସନ୍ତାନ ଭାବରେ ପରିବର୍ତ୍ତିତ କରନ୍ତି, ସେତେବେଳେ ଈଶ୍ୱର ତାଙ୍କୁ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ଓ ଏହାକୁ ସଂପୂର୍ଣ୍ଣ କରିବା ପାଇଁ ଦାୟିତ୍ୱ ପ୍ରଦାନ କରନ୍ତି । ଜଣଙ୍କୁ ତାଙ୍କ କାର୍ଯ୍ୟର ଶେଷ ପର୍ଯ୍ୟନ୍ତ ରହିବାକୁ ଓ ତାକୁ ଈଶ୍ୱର ପ୍ରଦାନ କରିଥିବା କାର୍ଯ୍ୟ ସଂପୂର୍ଣ୍ଣ କରିବାକୁ ହୁଏ । ଏହି ଦିନଗୁଡ଼ିକରେ, ଅନେକେ ବଡ଼ ବଡ଼ ଯୋଜନା ପ୍ରସ୍ତୁତ କରି ତାହା କରିବା ଆରମ୍ଭ କରନ୍ତି । ମାତ୍ର ଯେତେବେଳେ ସେମାନେ ପ୍ରତିବନ୍ଧକର ସମ୍ମୁଖୀନ ହୁଅନ୍ତି, ସେତେବେଳେ ସେମାନେ ତାହା ପରିତ୍ୟାଗ କରି ଅନ୍ୟ କୌଣସି ଦିଗକୁ ଫେରନ୍ତି । ଶେଷରେ ସେମାନେ ବଡ଼ ବଡ଼ ବିଫଳତାର ସମ୍ମୁଖୀନ ହୁଅନ୍ତି । ଯଦି ଆପଣଙ୍କ ନିକଟରେ କୌଣସି ଦର୍ଶନ ଅଛି, ତେବେ ଆପଣଙ୍କୁ ଆପଣଙ୍କ ନିଜସ୍ୱ ଜୀବନ ଅପେକ୍ଷା ସେହି ଦର୍ଶନ ପ୍ରତି ଅଧିକ ସମର୍ପିତ ହେବାକୁ ପଡ଼ିବ । ଜଣେ ଲକ୍ଷ୍ୟଧାରୀ ବ୍ୟକ୍ତି ଶାରୀରିକ ମୃତ୍ୟୁକୁ ଭୟ କରେ ନାହିଁ ।

ଆଜି ଏହି ବାକ୍ୟ ପ୍ରଚାର କରୁଥିବା ସମୟରେ, ଯେଉଁ ଲୋକମାନେ ମୋତେ ଦେଖୁଛନ୍ତି, ସେମାନେ ହୁଏତ ଭାବୁଥିବେ, ''ବର୍ତ୍ତମାନ ଭାଇ.ସାମ୍‌ଙ୍କର କି ସମସ୍ୟା ଅଛି ?'' ମାତ୍ର ସେମାନେ ସେହି ମୂଲ୍ୟ ଓ ବିନିଯୋଗ ଜାଣନ୍ତି ନାହିଁ ଯାହାସବୁ ମୁଁ ମୋର ଦର୍ଶନ ଓ ଲକ୍ଷ୍ୟ ସଫଳ କରିବା ପାଇଁ ଗତ ୪୮ ବର୍ଷ ମଧ୍ୟରେ ଉତ୍ସର୍ଗ କରିଥିଲି । ଅନେକ ସମୟରେ, ଶାରୀରିକ ଦୁର୍ବଳତା ଓ ଅର୍ଥନୈତିକ ସମସ୍ୟା ଯୋଗୁ ଅନେକ କଷ୍ଟ ମଧ୍ୟକୁ ଠେଲି ହୋଇ ଯାଇଥିଲି । ଅନେକ ସମୟରେ ମୋର ନିଜର ଆତ୍ମୀୟ ଓ ମୋର ବିଶ୍ୱସ୍ତ ବନ୍ଧୁମାନେ ମୋ' ଜୀବନରେ ସମସ୍ୟା ସୃଷ୍ଟି କରିଥିଲେ । ଏପରି କେତେକ ଶକ୍ତି ଏବେ ମଧ ରହିଛି ଯାହା ପ୍ରତିଦିନ ମୋତେ ଈଶ୍ୱର

(ଅବଶିଷ୍ଟାଂଶ ୯ମ ପୃଷ୍ଠାରେ)

## ଆପଣଙ୍କର ସେଲ୍ ଫୋନ୍ ବାର୍ତ୍ତାଗୁଡ଼ିକ

ଆମେ ପ୍ରତିଦିନ ଆମର ବନ୍ଧୁ ମାନଙ୍କ ଠାରୁ ବହୁ ସଂଖ୍ୟାରେ ଚିତ୍ର ଓ ବାଇବଲ ଶାସ୍ତ୍ରାଂଶ ଆମ ସେଲ୍ ଫୋନ୍ ମାଧ୍ୟମରେ ପାଉଅଛୁ । ପ୍ରକୃତରେ, ଆମେ ସେଗୁଡ଼ିକୁ ପଢ଼ି ପାରୁ ନାହୁଁ । ସେଥିପାଇଁ ସେଗୁଡ଼ିକୁ ଡିଲିଟ୍ କରିବା ବ୍ୟତୀତ ଆମ ପାଖରେ ଅନ୍ୟ କୌଣସି ଉପାୟ ନାହିଁ । ଏହି କାରଣରୁ, ଆମେ ପ୍ରେମ ଓ ନମ୍ରତାର ସହିତ ବାଇବଲ ପଦ, ସାଧାରଣ ବାର୍ତ୍ତା ଓ ଚିତ୍ରସବୁ ପ୍ରେରଣ ନ କରିବା ପାଇଁ ଅନୁରୋଧ କରୁଅଛୁ । ମାତ୍ର ଆପଣମାନେ ସର୍ବଦା ପ୍ରାର୍ଥନା ଅନୁରୋଧ ଓ ନିର୍ଦ୍ଦିଷ୍ଟ ବାର୍ତ୍ତାସବୁ ପ୍ରେରଣ କରିପାରିବେ । ଆପଣମାନେ ଆମ ସମସ୍ୟା ବୁଝିଥିବେ ବୋଲି ଧନ୍ୟବାଦ ।

**ପାଳକ ଏସ୍.ସାମ୍.ସେଲ୍‌ଭାରାଜ**

## କେବଳ ଭାରତର ପ୍ରାର୍ଥୀମାନଙ୍କ ପାଇଁ ଆହ୍ୱାନର ପ୍ରତିଧ୍ୱନିର ପୋଷ୍ଟାଲ୍ ପାଠ୍ୟକ୍ରମ

### ୧. ବାଇବଲ କୋର

ଆମେ ନୂତନ ଖ୍ରୀଷ୍ଟିଆନ ଓ ଅଣ-ଖ୍ରୀଷ୍ଟିଆନମାନଙ୍କୁ ଇଂରାଜୀରେ ୫୭ ପୃଷ୍ଠା, ହିନ୍ଦୀରେ - ୭୬ ପୃଷ୍ଠା ଓ ତାମିଲ୍‌ରେ - ୯୬ ପୃଷ୍ଠାରେ ସମ୍ବଳିତ ବାଇବଲର ମୌଳିକ ସତ୍ୟଗୁଡ଼ିକ ଉପରେ ପୋଷ୍ଟାଲ ପାଠ୍ୟକ୍ରମ ପ୍ରଦାନ କରୁଅଛୁ । ଆପଣମାନେ ଏକ ପାଠ୍ୟପୁସ୍ତକ - ''ଆପଣଙ୍କ ନିମନ୍ତେ ନୂତନ ଜୀବନ'' ପାଇବେ । ଏହି ପାଠ୍ୟକ୍ରମର ସମାପ୍ତି ପରେ, ଆପଣ ଗୋଟିଏ ସାର୍ଟିଫିକେଟ ପାଇବେ । କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଆପଣମାନେ ଆଶୀର୍ବାଦ ପାଇବେ ।

### ୨. ଥିଓଲୋଜିକାଲ୍ କରେସ ପଣ୍ଡେସ୍ ପାଠ୍ୟକ୍ରମ

ଥିଓଲୋଜିକାଲ କରେସ୍ ପଣ୍ଡେସ୍ ପାଠ୍ୟକ୍ରମ ନାମକ ଦୂରବର୍ତ୍ତୀ ପ୍ରାର୍ଥୀମାନଙ୍କ ପାଇଁ ଉନ୍ନତ ଧରଣର ଶିକ୍ଷା ବର୍ତ୍ତମାନ ଇଂରାଜୀରେ - ୫୩୨ ପୃଷ୍ଠା ଓ ତାମିଲ୍‌ରେ ୬୫୨ ପୃଷ୍ଠା ପାଳକ, ପ୍ରଚାରକ, ଖ୍ରୀଷ୍ଟିଆନ ନେତା ଓ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଇଚ୍ଛୁକ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ଅଟେ । ୧୦୦୦ ଟଙ୍କାର ଦେୟ ରହିଛି ।

୧୪୯ ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ । ସେବାକାର୍ଯ୍ୟରେ ସାର୍ଟି ଫିକେଟ ପ୍ରଦାନ କରାଯିବ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

**ଅଧିକ ଜାଣିବା ପାଇଁ ଆମକୁ ଲେଖନ୍ତୁ**

**The Chairman, Nehemiah Bible College,**
Echo of His Call, Post Box 2957
CHEPAUK, CHENNAI - 600 005.
Ph.: (044) 2852 8282, 2852 9293, 2854 7766,
Cell : 98410 71852, 95661 31858
E.mail : biblecor@yahoo.co.in

**A good opportunity to get**
**Echo of His Call**
**monthly magazine at free of cost**

If you could send the addresses of your friends / relatives through post, letter, e.mail, WhatsApp or phone to us, we will dispatch **Echo of His Call** monthly magazine to them at free of cost.

## କର ରିହାତି

**"Echo of His Call Educational Trust"** କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ - **80 - G** ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । **Echo of His Call Educational Trust** କୁ ଦେଉଥିବା ଦାନ ପାଇଁ **Demand Draft, Cheque** କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | | |
|---|---|---|
| Account Name | : | ECHO OF HIS CALL EDUCATIONAL TRUST |
| Account Number | : | 1023 2923 805 |
| Bank Name | : | STATE BANK OF INDIA |
| Branch | : | TRIPLICANE, CHENNAI - 600 005 |
| IFSC Code | : | SBIN 0000249 |
| SWIFT Code | : | SBI NIN BB 455 |



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

(ପାଳକ. ଏସ୍. ସାମ୍. ସେଲ୍‌ଭା ରାଜ୍‌ଙ୍କ ଜୀବନାନୁଭୂତି)

*"ଯେ ପାଠ କରେ, ସେ ବୁଝୁ" (ମାଥିଉ ୨୪:୧୫)*

# ପ୍ରକାଶନରେ ମୋର ଦର୍ଶନର ଅଗ୍ରଗତି

## PROGRESS OF MY VISION IN PUBLICATIONS!!



*Dr. N. Jeevanandam*



*Rev. S. Devadasan*

ଏପରିକି ମୋର ବିଦ୍ୟାଳୟ ଦିନଗୁଡ଼ିକରୁ, ମୁଁ ପୁସ୍ତକ, ମୁଖ୍ୟ ଖ୍ରୀଷ୍ଟିଆନ ପତ୍ରିକା, ଯଥା – ଡ.ଜୀବନାନ୍ଦମ୍‌ଙ୍କ ଦ୍ୱାରା ପ୍ରକାଶିତ "ମାଗିଜଟୀ" ଓ ରେଭ.ଏସ୍. ଦେବଦାସନ୍‌ଙ୍କ ଦ୍ୱାରା ପ୍ରକାଶିତ "ହେରାଲ୍‌ଡ ଅଫ୍ ହିଜ୍ କମିଙ୍ଗ" ପଢ଼ିବାରେ ଅତି ଆଗ୍ରହୀ ଥିଲି ଓ ସେଗୁଡ଼ିକ ମୋ' ପାଇଁ ଅତି ପ୍ରେରଣା ଦାୟକ ଓ ଉତ୍ସାହପ୍ରଦ ଥିଲା । ସ୍ୱର୍ଗ ଓ ପୃଥିବୀ ବିଷୟରେ, ମୁଁ ପ୍ରଭୁଙ୍କଠାରୁ ପାଇଥିବା ଏହି ଆଶୀର୍ବାଦଗୁଡ଼ିକୁ ଛପା କାଗଜ ମାଧ୍ୟମରେ ଲୋକ ଲୋଚନକୁ ଆଣିବା ପାଇଁ ଗଭୀର ଭାବରେ ଇଚ୍ଛା କରୁଥିଲି । ମାତ୍ର ଉପକରଣଗୁଡ଼ିକୁ କିଣିବା ପାଇଁ ମୋ' ନିକଟରେ ଆବଶ୍ୟକୀୟ ଅର୍ଥ ନ ଥିଲା ।




Registered with the Registrar of News Puper
For India under R.N.I. 11967/'67

வருகையின் தூதன்

Those who turn the world upside down. Acts.17:6.

Vol. 68 ... 2022 No.9



ସେଥିପାଇଁ, ମୁଁ ନିୟମିତ ଭାବରେ ମୋର ସମସ୍ତ ପ୍ରେରଣା ଓ ପ୍ରତ୍ୟାଦେଶକୁ କାଗଜରେ ଲେଖି ରଖୁଥିଲି, ଓ ସେହି କାଗଜଗୁଡ଼ିକ ଉପରେ ମୋର ହସ୍ତ ରଖିବା ଦ୍ୱାରା ଆଗକୁ ବଢ଼ିବା ପାଇଁ ଚାଳନା ଦେବା ନିମନ୍ତେ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିବା ଓ ମାଗିବା ଆରମ୍ଭ କରିଥିଲି । ମୋର ଲେଖା କାଗଜଗୁଡ଼ିକ ମୋ' କୋଠରୀରେ ଜମା ହେବାରୁ, ମୁଁ ଅତି ଚିନ୍ତିତ ହୋଇଉଠିଲି । ସେଥିପାଇଁ ବସ୍ତ୍ର ଓ ଅନ୍ୟାନ୍ୟ ବିଷୟଗୁଡ଼ିକୁ ମୋର ହାତ ଖର୍ଚ୍ଚରେ ନ କିଣି, ମୁଁ କାଗଜ, କଲମ, ସ୍ୟାହି, ଇତ୍ୟାଦି କିଣିବା ଆରମ୍ଭ କଲି ଓ ଏହାପରେ ପ୍ରଭୁଙ୍କଠାରୁ ପାଉଥିବା ବାର୍ତ୍ତାଗୁଡ଼ିକୁ ଲେଖି ଅନ୍ୟମାନଙ୍କୁ ବାଣ୍ଟିବା ଆରମ୍ଭ କଲି ।



*Mr. M. Munusami*

ଯେତେବେଳେ ମୁଁ ମୋର ବନ୍ଧୁମାନଙ୍କୁ ଓ ସାକ୍ଷାତ୍ କରୁଥିବା ଲୋକମାନଙ୍କୁ ସେହି ଲେଖା ସବୁ ବାଣ୍ଟିଲି, ସେତେବେଳେ ସେମାନେ ସେଗୁଡ଼ିକୁ ବହୁତ ପସନ୍ଦ କରୁଥିଲେ । କିଛି ମାସ ଭିତରେ, ମୁଁ ଟାଇପ୍ କରି ଏହି ବାର୍ତ୍ତାଗୁଡ଼ିକୁ ବାଣ୍ଟିବା ଓ ମୋର ମୁଣ୍ଡ ଓ କାନ୍ଧରେ ସେଗୁଡ଼ିକୁ ବୋହିବା ଆରମ୍ଭ କରିଥିଲି । ପୁଣି କିଛି ଦିନ ପରେ, ଛାପା କାଗଜରେ ଏହି ବାର୍ତ୍ତାଗୁଡ଼ିକୁ ଛାପିଲି ଓ ଏହାପରେ ମୋର ମୁଦ୍ରଣ ସେବାକାର୍ଯ୍ୟ ଆରମ୍ଭ କଲି ।

ପ୍ରଥମେ, ଆମେ ତାମିଲ ଓ ଇଂରାଜୀରେ ଦ୍ୱିମାସିକ "ଆହ୍ୱାନ ପ୍ରତିଧ୍ୱନି" ପତ୍ରିକା, ଏହାପରେ ତାମିଲ ଓ ଇଂରାଜୀରେ ୧୫ ଦିନିକିଆ ପତ୍ରିକା ଓ ଏହାପରେ ତାମିଲ ଓ ଇଂରାଜରୀରେ ପଞ୍ଜୀକୃତ ଦୁଇ ପୃଥକ୍ ମାସିକ ପତ୍ରିକା ଛାପିବା ଆରମ୍ଭ କଲୁ । ବର୍ତ୍ତମାନ ମାସିକ ପତ୍ରିକାଗୁଡ଼ିକ ତାମିଲ, ଇଂରାଜୀ, ସିଂହଳ,ମାଲାୟଲାମ, ଆଫ୍ରିକାନ୍‌ସ, ତେଲୁଗୁ, ହିନ୍ଦୀ, କନ୍ନଡ଼, ମରାଠୀ, ଆସାମି, ବେଙ୍ଗଲୀ, ଉର୍ଦ୍ଦୁ, ନେପାଳୀ, ଗୁଜୁରାଟୀ, ଓଡ଼ିଆ ଓ ପଞ୍ଜାବୀରେ ପ୍ରକାଶିତ ହେଉଅଛି । "ଆହ୍ୱାନର ପ୍ରତିଧ୍ୱନି ଏକମାତ୍ର ବିଶ୍ୱସ୍ତରୀୟ ଖ୍ରୀଷ୍ଟିଆନ



*Echo of His Call Magazines in 16 languages*



*Pr. Sam with his daughter Angeline*

ପତ୍ରିକା ଯାହା ପଞ୍ଜୀକୃତ ପତ୍ରିକା ଭାବରେ ୧୬ଟି ଭାଷାରେ ପ୍ରକାଶିତ ହେଉଅଛି । ସେଗୁଡ଼ିକୁ ଭାରତ ସରକାରଙ୍କ ଦ୍ୱାରା ପୃଥକ୍‌ଭାବେ ପଞ୍ଜୀକୃତ କରାଯାଇଛି । ମୁଁ ମୋର ସାଇକଲ୍ ଯୋଗେ ସେଗୁଡ଼ିକୁ ବିଭିନ୍ନ ସ୍ଥାନକୁ ନେଉଥିଲି ଓ ଏହାପରେ ଈଶ୍ୱର ମୋର ଝିଅ ଆଞ୍ଜେଲିନା ସେଲ୍‌ଭାକୁମାରୀଙ୍କ ସହିତ ଦୂରସ୍ଥାନକୁ ଯାତ୍ରା କରିବା ପାଇଁ ମୋତେ ଗୋଟିଏ ମୋଟର ସାଇକଲ ଯୋଗାଇଥିଲେ ।

ମୁଁ ତାମିଲ ଓ ଇଂରାଜୀରେ ମାସିକ ପତ୍ରିକା ପାଇଁ ପ୍ରବନ୍ଧ ସବୁ ଲେଖୁଥିବା ସମୟରେ, ଈଶ୍ୱର ଆମର ସହଯୋଗୀ ସଂପାଦକ, ଅନୁବାଦକ ଓ କର୍ମଚାରୀଙ୍କ ମାଧ୍ୟମରେ ପ୍ରତିବନ୍ଧକ ବିନା ଆମର ମାସିକ ପତ୍ରିକା ପ୍ରକାଶ କରିବାରେ ସାହାଯ୍ୟ କରିଛନ୍ତି । ଆପଣମାନଙ୍କ ପ୍ରାର୍ଥନା ପାଇଁ ସେମାନଙ୍କର ନାମଗୁଡ଼ିକୁ ଉଲ୍ଲେଖ କରାଯାଇଛି –

ଭଉଣୀ ସେରେନା ବେଭିନ୍, ରେଭ.ଡ.କେ.ଆର୍ ରାଜଶେଖରନ୍, ଡ.ଏ.ରିଚାର୍ଡ ଶାମୁଏଲ, ରେଭ. ଷ୍ଟିଫେନ୍ ଯୋଷେଫ, ଭାଇ.ଜୟରନ୍ ଡି. ସୋୟେସା, ଭଉଣୀ. ମଞ୍ଜୁଳା ଓ୍ୱରାବାହୁ, ଭଉଣୀ ରେଣୁକା ରଜପକ୍ଷ, ପ୍ରଚାରକ ବେଞ୍ଜାମିନ୍ ମୋଜେସ୍, ଭାଇ. ମୋହନ କୁମାର, ଡ.ମାରିଏଟ୍‌ଜୀ ନେଲ୍‌ସନ୍, ଭାଇ.ଏନ୍.ମୋହନ ବାବୁ, ଭଉଣୀ ଡରୋଥୀ ଏସ୍.ଥୋମାସ୍, ରେଭ. ଆର୍ ରାମକ୍ରିଷ୍ଣା, ରେଭ. ଶଶି ତିଓ୍ୱାରୀ, ପାଳକ ଯୋଶୁଆ ରାଜ, ଭଉଣୀ ବର୍ଣ୍ଣାଲୀ ଥାପା ରାଜ୍, ରେଭ.ଡ. ଅଞ୍ଜନ କୁମାର ସିଂ, ଭାଇ. ଇନ୍ଦ୍ରଜିତ୍ ରାୟ, ପାଳକ. ଶିଭିନ୍ଦର କୁମାର, ଭାଇ ଭୁବନ ଦେବକୋଟା, ଭାଇ. ରାଜକୁମାର ଭଣ୍ଡାରୀ, ଭାଇ ପଙ୍କଜ ସି.ଓ୍ୱାଡ଼ିଆ, ଭଉଣୀ ସୁରମା ଶାମୁଏଲ, ଭାଇ ଆଶିଷ ରମେଶ ବାଲ୍‌ଧାରୀ, ଭାଇ ଏନ୍ ପ୍ରକାଶମ୍, ଭଉଣୀ ଗିତା ଗୁରୁସ୍ୱାମୀ, ଭଉଣୀ ଇ. ଭିଶାଲାଚୀ, ଭାଇ ଏମ୍.ମନି, ଭାଇ କେ.ଇନ୍ଦ୍ରେଶ କୁମାର, ଭାଇ.ଏଲ୍ ମୋହନ, ଭାଇ ଆର୍.ଇମ୍ମାନୁୟେଲ ପଲ୍ ଓ ଭାଇ ଆର୍ ଭିଜୟ । ଏହା ମୋ' ଦୃଷ୍ଟିରେ ବହୁମୂଲ୍ୟ । ''ଏହା ସଦାପ୍ରଭୁଙ୍କ କର୍ମ, ଏହା ଆମ୍ଭମାନଙ୍କ ଦୃଷ୍ଟିରେ ଆଶ୍ଚର୍ଯ୍ୟ''(ଗୀତସଂହିତା ୧୧୮:୨୩) ।

''ସେ ... ଧୂଳିରୁ ଦୀନହୀନକୁ ଉଠାନ୍ତି ଓ ଦରିଦ୍ରକୁ ଖତରାଶିରୁ ଉନ୍ନତ କରନ୍ତି'' (୧ ଶାମୁୟେଲ ୨:୮) । ***

(୭ଷ ପୃଷ୍ଠାର ଅବଶିଷ୍ଟାଂଶ)

ପ୍ରଦତ୍ତ ଦର୍ଶନକୁ ସଫଳ କରିବାରେ ବାଧା ଦେଉଅଛି ଓ ମୋର ଲକ୍ଷ୍ୟଯୁକ୍ତ ଯାତ୍ରାରେ ପ୍ରତିବନ୍ଧକ ସୃଷ୍ଟି କରୁଅଛି । ''ମୋହର ଶକ୍ତିଦାତାଙ୍କ ସାହାଯ୍ୟରେ ମୁଁ ସମସ୍ତ କରିପାରେ'' (ଫିଲିପ୍ପୀୟ ୪:୧୩) । ଯାହାଙ୍କୁ ମୁଁ ବିଶ୍ୱାସ କରେ ତାହାଙ୍କୁ ମୁଁ ଜାଣେ'' (୨ ତୀମଥି ୧:୧୨) । ଆୟୁବଙ୍କ ସହିତ ମିଶି ମୁଁ ସ୍ୱୀକାର କରେ, ''ସେ ମୋତେ ବଧ କଲେ ହେଁ ମୁଁ ତାହାଙ୍କ ପାଇଁ ଅପେକ୍ଷା କରିବି'' (ଆୟୁବ ୧୩:୧୫) । ମୁଁ ଏହି ବିଶ୍ୱାସ ଗୁଡ଼ିକରେ ଦୃଢ଼ ଅଟେ । ପ୍ରିୟ ପାଠକ, ଆପଣ ମଧ୍ୟ ପ୍ରଭୁଙ୍କର ସେବା କରିବା ପାଇଁ ଏକ ଲକ୍ଷ୍ୟଧାରୀ ବ୍ୟକ୍ତିରେ ପରିଣତ ହୋଇପାରିବେ କି ?

ଯିରୂଶାଲମରେ ତାଙ୍କ ପାଇଁ ବନ୍ଧନ ଓ କ୍ଲେଶ ଅପେକ୍ଷା କରିଅଛି ବୋଲି ଜାଣିବା ପରେ ସୁଦ୍ଧା, ସାଧୁ ପାଉଲ ପ୍ରଭୁଙ୍କଠାରୁ ପାଇଥିବା ଆହ୍ୱାନରୁ ପଛକୁ ଫେରି ନ ଥିଲେ । ସେ ତୀମଥିଙ୍କୁ ଲେଖିଥିଲେ, ''ମୁଁ ଉତ୍ତମ ଯୁଦ୍ଧରେ ପ୍ରାଣପଣ କରିଅଛି, ନିରୂପିତ ପଥର ଶେଷ ପର୍ଯ୍ୟନ୍ତ ଦୌଡ଼ିଅଛି, ମୁଁ ବିଶ୍ୱାସ ରକ୍ଷା କରିଅଛି'' (୨ ତୀମଥି ୪:୭) । ଦୌଡ଼ରେ ଦୌଡ଼ିବା ନିମନ୍ତେ, ଈଶ୍ୱର ଆମକୁ ଦେଇଥିବା ପ୍ରତିଭା ଓ ଦାନଗୁଡ଼ିକୁ ବ୍ୟବହାର କରିବା ନିମନ୍ତେ ଆଗେଇ ଆସିବାକୁ ସେ ନିରୂପଣ କରିଛନ୍ତି । ଏପରି ଲକ୍ଷ୍ୟଧାରୀ ବ୍ୟକ୍ତିରେ ପରିଣତ ହେବା ପାଇଁ ନିଜକୁ ସମର୍ପଣ କରନ୍ତୁ, ଯିଏ କହି ପାରୁଥିବ, ''ମୁଁ ମୋ' ପାଇଁ ନିରୂପିତ ଦୌଡ଼କୁ ଖୁସିରେ ସଂପୂର୍ଣ୍ଣ କରିଅଛି ।''

## ୫. ଲକ୍ଷ୍ୟଧାରୀ ବ୍ୟକ୍ତିମାନଙ୍କର ଲକ୍ଷ୍ୟ ସ୍ୱର୍ଗ ଅଟେ

ଫିଲିପ୍ପୀୟ ୩:୧୩-୧୪ରେ ସାଧୁ ପାଉଲ କହିଛନ୍ତି, ''ହେ ଭାଇମାନେ, ମୁଁ ଏପର୍ଯ୍ୟନ୍ତ ତାହା ଧରିଅଛି ବୋଲି ମନେ କରୁ ନାହିଁ, କିନ୍ତୁ ଗୋଟିଏ ବିଷୟ ମୁଁ କରୁଅଛି, ପଶ୍ଚାତ୍ ବିଷୟ ସବୁ ମନରୁ ଦୂର କରି ସମ୍ମୁଖରେ ଥିବା ବିଷୟଗୁଡ଼ିକ ପ୍ରତି ଦୃଷ୍ଟି ରଖି ଖ୍ରୀଷ୍ଟ ଯୀଶୁଙ୍କଠାରେ ଈଶ୍ୱରଙ୍କ ସ୍ୱର୍ଗୀୟ ଆହ୍ୱାନର ପଣ ପାଇବା ନିମନ୍ତେ ପ୍ରାଣପଣ କରି ଲକ୍ଷ୍ୟ ସ୍ଥଳକୁ ଦୌଡୁଅଛି ।'' ଆମ ପ୍ରତ୍ୟେକଙ୍କ ନିକଟରେ ଏକ ଆତ୍ମିକ ଲକ୍ଷ୍ୟ ରହୁ ବୋଲି ଈଶ୍ୱର ଆଶା କରନ୍ତି । ଈଶ୍ୱର ସେମାନଙ୍କ ପାଇଁ ଏକ ପୁରସ୍କାର ରଖିଛନ୍ତି ଯେଉଁମାନେ ଏହି ଲକ୍ଷ୍ୟ ପ୍ରାପ୍ତ ହୁଅନ୍ତି ।

ଆପଣଙ୍କର ଲକ୍ଷ୍ୟ କ'ଣ ? ଏହା ସ୍ୱର୍ଗ ବ୍ୟତୀତ ଅନ୍ୟ କିଛି ହେବା ଉଚିତ୍ ନୁହେଁ । ଯେତେବେଳେ ଆମେ ଏହି ଲକ୍ଷ୍ୟ ଦିଗରେ ଆମ ଜୀବନର ପ୍ରତ୍ୟେକ ବିଷୟକୁ ସ୍ଥାପନ କରୁ, ସେତେବେଳେ ଈଶ୍ୱର ଆମକୁ ଆଶୀର୍ବାଦ କରନ୍ତି । ଯଦି ଆମର ଲକ୍ଷ୍ୟ ଜାଗତିକ ବିଷୟ ଉପରେ ସ୍ଥାପିତ, ତେବେ ଆମେ ନିଶ୍ଚୟ ବିଫଳ ହେବା । ସମସ୍ତ ଜାଗତିକ ଲାଳସା ଓ ଉତ୍ତମତାକୁ ପଛରେ ରଖି ଓ ଆମ ସମ୍ମୁଖରେ କ୍ରୁଶକୁ ରଖି, ଆମକୁ ଆମର ଲକ୍ଷ୍ୟ, ଅର୍ଥାତ୍, ସ୍ୱର୍ଗ ଦିଗରେ ଅଗ୍ରସର ହେବାକୁ ପଡ଼ିବ । ଆମକୁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ଜାଣି ନ ଥିବା ବ୍ୟକ୍ତିମାନଙ୍କୁ ସାହାଯ୍ୟ କରିବା ପାଇଁ ଇଚ୍ଛୁକ ମଧ୍ୟ ହେବାକୁ ପଡ଼ିବ ଯେପରିକି ସେମାନେ ମଧ୍ୟ ପରିତ୍ରାଣ ପ୍ରାପ୍ତ ହେବେ ।

ଆମର ଲକ୍ଷ୍ୟ ସ୍ୱର୍ଗ ହେଉ ଓ ଆସନ୍ତୁ, ଆମେ ଏହି ବହୁମୂଲ୍ୟ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଲକ୍ଷ୍ୟଧାରୀ ବ୍ୟକ୍ତି ହେବା ।

***********

RNI NO. 70105/98, Postal Regn. No. TN/CH (C)/198/21-23 WPP NO. TN/PMG(CCR)/WPP-265/21-23

## ଆହ୍ୱାନର ପ୍ରତିଧ୍ୱନି

**YouTube**

Please subscribe

ଦୟାକରି ଆପଣଙ୍କ ସମୟ ଅନୁସାରେ "ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ଚ୍ୟାନେଲ୍ ଦେଖନ୍ତୁ ଓ ଏହାର ସଭ୍ୟ ହୁଅନ୍ତୁ ।

–ସଂପାଦକ –

## OUR BANK DETAILS:

### *1. Bank : State Bank of India*

| | | |
|---|---|---|
| Branch | : | **Triplicane, Chennai-5** |
| Name | : | **S. Sam Selva Raj** |
| A/C No. | : | **1023 2934 679** |
| IFSC | : | **SBIN 00 00 249** |
| SWIFT CODE | : | **SBI NIN BB 455** |

### *2. Bank : ICICI Bank*

| | | |
|---|---|---|
| Branch | : | **Anna Salai, Chennai-6** |
| Name | : | **Echo of His Call** |
| A/C No. | : | **6038 0502 2319** |
| IFSC | : | **ICIC 000 6038** |

### *3. Bank : State Bank of India*

**(This Account is for Tax Exemption for Indians only )**

| | | |
|---|---|---|
| Branch | : | **Triplicane, Chennai-5** |
| Name | : | **Echo of His Call Educational Trust** |
| A/C No. | : | **1023 2923 805** |
| IFSC | : | **SBIN 00 00 249** |

**Google Pay: 98410 71858**
**PayPal : SAM SELVA RAJ**

*****

**E.mail : sam@echoofhiscall.org**

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

ବାର୍ଷିକ ଦେୟ – ଟ. ୧୦୦/– ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ "ଆହ୍ୱାନର ପ୍ରତିଧ୍ୱନି" ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ-ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ "ଆହ୍ୱାନର ପ୍ରତିଧ୍ୱନି" ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ "ଆହ୍ୱାନର ପ୍ରତିଧ୍ୱନି" କାର୍ଯ୍ୟାଳୟକୁ ପେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ/ମୋବାଇଲ୍ ଫୋନ୍ ନମ୍ବର ଓ ଇ-ମେଲ ଠିକଣା ଜଣାନ୍ତୁ ।

### ଆମର ଠିକଣା :

**ECHO OF HIS CALL**

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.com

**YOU CAN SEND YOUR DONATION ONLINE ALSO**

**Regd. with the RNI No. 70105/98**
**Licenced to post without pre-payment**
**Postal Regn. No. TN/CH (C) /198/21-23**
**Licence No. WPP. No. TN/PMG(CCR)/WPP-265/21-23**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS / 1 Patrika Channel"**
**on 18th** OCTOBER 2022.
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957, Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**

## *JESUS LOVES YOU!*

**To**

*GOD BLESS YOU!*

Owned and published by **S. Sam Selva Raj** from New No. 8 & 10, Old No. 18 & 19, Mohammed Abdullah 2nd Street, Chepauk, Chennai-600 005 and printed by him at **Echo of His Call Printers**, New No. 8 & 10, Old No. 18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**